ବର୍ଷ-୨୫, ସଂଖ୍ୟା-୧୫୨
ଭୁବନେଶ୍ୱର
୦୪, ଜୁନ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 152
Bhubaneswar
04, June, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ନୂଆ ଚାମ୍ପିଅନ୍

# କାନ୍ଦିଲେ କୋହଲି



ଅହମ୍ମଦାବାଦ,୩।୬(ମହାଭାରତ): ୧୮ ବର୍ଷ ପ୍ରତୀକ୍ଷା କଣ ହୋଇଥାଏ ତାହା କେହି ବିରାଟ କୋହଲିଙ୍କୁ ପଚରନ୍ତୁ। ତିନି ଥର ଫାଇନାଲ୍ ପର୍ଯ୍ୟନ୍ତ ପହଞ୍ଚିଥିଲେ ହେଁ ପ୍ରତି ଥର ନିରାଶ ହେବାକୁ ପଡ଼ିଥିଲା। ତେଣୁ ଯେବେ ୧୮ତମ ସିଜିନରେ ୧୮ ନମ୍ବର ଜର୍ସି ପିନ୍ଧିଥିବା କୋହଲି ଆରସିବି ଚାମ୍ପିଅନ ହେବା ମାତ୍ରେ ନିଜକୁ ନିୟନ୍ତ୍ରଣ କରି ପାରି ନ ଥିଲେ। ମ୍ୟାଚ୍ ଜିତିବା ମାତ୍ରେ ବିରାଟ କୋହଲିଙ୍କ ଆଖି ଛଳ ଛଳ ହୋଇ ଉଠିଥିଲା। ଯେମିତି ମ୍ୟାଚ୍‌ର ଶେଷ ବଲ୍ ଫିଙ୍ଗାଗଲା, କୋହଲି ପଡ଼ିଆରେ କାନ୍ଦିବାରେ ଲାଗିଥିଲେ।

ଶେଷ ଓଭର ବୋଲିଂ କରିଥିଲେ ଜୋଶ ହେଜେଲଉଡ। ବିଜୟ ବେଙ୍ଗାଲୁରୁର ପ୍ରାୟ ନିକଟତର ଥିଲା। ଅନ୍ତିମ ଓଭରରେ ପଞ୍ଜାବକୁ ଦରକାର ଥିଲା ୨୯ ରନ। କ୍ରିଜରେ ଥିଲେ ଶଶାଙ୍କ ସିଂ। ଏଥିପାଇଁ ଆରସିବି ପ୍ରଶଂସକଙ୍କ ମନରେ କିଛିଟା ଆଶଙ୍କା ଥିଲା ଯେ, କିଛି ଗଡ଼ବଡ଼ ନ ହୋଇ ଯାଉ। ଯେମିତି ଓଭରର ପ୍ରଥମ ଦୁଇଟି ବଲ୍ ଫିଙ୍ଗା ଗଲା, ବିରାଟ କୋହଲି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ମ୍ୟାଚ୍ ସରି ନ ଥିଲେ ବି ଆରସିବିର ବିଜୟ ସୁନିଶ୍ଚିତ ହୋଇ ସାରିଥିଲା। କୋହଲି ନିଜକୁ କାବୁ କରି ପାରି ନ ଥିଲେ। ତାଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବାହାରିବାରେ ଲାଗିଥିଲା ଏବଂ ସେ ନିଜକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିଲେ।

## ଅନାଥ ଶିଶୁଙ୍କ ସର୍ଭେ କରିବେ ସରକାର

**ଭୁବନେଶ୍ୱର,୩।୬ (ମହାଭାରତ) :** ସରକାର ରାଜ୍ୟରେ ଅନାଥ ଏବଂ ଏକକ ଅଭିଭାବକ ଥିବା ଶିଶୁଙ୍କ ଅଧିକାର, ମୌଳିକ ଆବଶ୍ୟକତା ଏବଂ ସମ୍ମାନ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏକ ସର୍ଭେ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏ ସମ୍ବନ୍ଧରେ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଅନାଥ ଏବଂ ଦୁର୍ବଳ ଅବସ୍ଥାରେ ଥିବା ଏକକ ଅଭିଭାବକ ଶିଶୁଙ୍କ ସର୍ଭେ ପାଇଁ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶନାମା ଏବଂ ଫର୍ମାଟ ଜାରି କରିଛି। ନିର୍ଦ୍ଦେଶନାମା ଅନୁଯାୟୀ, ଏହି ସର୍ଭେ ସମସ୍ତ ଜିଲାରେ ଅଙ୍ଗନୱାଡ଼ି କର୍ମୀମାନେ ଡିଏସଡବ୍ଲୁଓ, ଆଇସିଡିଏସ ସୁପରଭାଇଜର, ସିଡିପିଓ ଏବଂ ଡିସିପିଓ ଭଳି ଜିଲା କାର୍ଯ୍ୟକର୍ତ୍ତାଙ୍କ ତତ୍ତ୍ୱାବଧାନରେ କରିବେ।ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟ ସ୍ତରରେ ଓଏସସିପିଏସ ଦ୍ୱାରା ଟ୍ରେନରଙ୍କ ପ୍ରଶିକ୍ଷଣ ଜୁନ ୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଜିଲା ସ୍ତରରେ ଟ୍ରେନରଙ୍କ ପ୍ରଶିକ୍ଷଣ ଜୁଲାଇ ୫ ସୁଦ୍ଧା ଶେଷ ହେବ। ସେକ୍ଟର ସ୍ତରରେ ସର୍ଭେୟରଙ୍କ ପ୍ରଶିକ୍ଷଣ ଜୁଲାଇ ୧୦ ସୁଦ୍ଧା ସମାପ୍ତ ହେବ।

# ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକ ମୃତ



### ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର,୩।୬(ମହାଭାରତ): ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡିରେ ଏକ ଦୁର୍ଘଟଣାରେ ଏମ୍. ସନ୍ତୁ, ଅମିର ଖରା, ଲାଲୁ ରଣା ଓ ତ୍ରିଲୋଚନ ଭତ୍ରାଙ୍କ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

**ନବରଙ୍ଗପୁର,୩।୬(ମହାଭାରତ):** ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ନିର୍ମାଣାଧୀନ ପାଇଖାନା ଟାଙ୍କିରେ କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୪ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି- ଏନ୍ ସନ୍ତୁ (୩୩) ଅମୀୟ ଖରା (୩୧), ତ୍ରିଲୋଚନ ଭତରା (୩୦) ଓ ଲାଲୁ ରଣା (୩୨)। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଗ୍ନିଶମ କର୍ମଚାରୀ ଏବଂ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ପଡ଼ାଲଗୁଡ଼ା ଗାଁର ମୋହନ ନାଗ ତାଙ୍କ ଘରେ ଏକ ପାଇଖାନା ନିର୍ମାଣ କରୁଛନ୍ତି। ଏହି ନିର୍ମାଣାଧୀନ ପାଇଖାନାର ଟାଙ୍କିର ଫଲ୍ସ କାଢ଼ିବା ପାଇଁ ଆଜି ଦିନ ପ୍ରାୟ ୧୦ଟା ବେଳେ ଦୁଇ ଜଣେ ଶ୍ରମିକ- ତ୍ରିଲୋଚନ ଭତରା ଓ ଲାଲୁ ରଣା ପାଇଖାନ ଟାଙ୍କିରେ ପ୍ରବେଶ କରିଥିଲେ। କିନ୍ତୁ ସେମାନେ ସେଠାରେ ଅଚେତ ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଗାଁର ଦୁଇ ଯୁବକ- ଏନ୍ ସନ୍ତୁ ଓ ଅମୀୟ ଖରା ଟାଙ୍କି ଭିତରକୁ ଯାଇଥିଲେ। କିନ୍ତୁ ସେମାନେ ବି ଅଚେତ ହୋଇଯାଇଥିଲେ। ଏହା ପରେ ପୁଲିସ ଓ ଅଗ୍ନିଶମ ବାହିନୀଙ୍କୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପାଇଖାନା ଟାଙ୍କିରୁ ସେମାନଙ୍କୁ ବାହାର କରିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହି ଘଟଣାରେ ପୁଲିସ୍ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।ପ୍ରାଥମିକ ରିପୋର୍ଟ ଅନୁସାରେ ସମସ୍ତେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ତେବେ ଶବ ବ୍ୟବଚ୍ଛେଦ ପରେ ସେମାନଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଡାକ୍ତର କହିଛନ୍ତି। ମୃତ ଅମୀୟ ଖରାଙ୍କ ସଂପର୍କୀୟ ସୁମିକା ଖରା କହିଛନ୍ତି ଯେ ସେ (ଅମୀୟ ଖରା) ସେଠାକୁ କାମ କରିବାକୁ ଯାଇ ନଥିଲେ। ସେ ରାସ୍ତା କଡ଼ରେ ବସିଥିଲେ। ପାଇଖାନା ଟାଙ୍କିରେ ଦୁଇ ଜଣ ଅଚେତ ହେବା ପରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଅମୀୟ ଖରାଙ୍କୁ ଡକା ଯାଇଥିଲା। ଯିଏ ତାଙ୍କୁ ଡାକି ନେଇଥିଲେ, ସେ ଏବେ ତାଙ୍କ ପରିବାର କଥା ବୁଝୁ। ଅମୀୟ କୁଲିମଜୁରୀ କରି ଚଳୁଥିଲେ। ତାଙ୍କର ଦୁଇଟି ଛୁଆ ଅଛନ୍ତି। ଏବେ ସେମାନଙ୍କର କ'ଣ ହେବ। ସେଥିପାଇଁ ଯିଏ ତାଙ୍କୁ ଡାକି ନେଇଥିଲା, ସେ ସେମାନଙ୍କ କଥା ବୁଝୁ। ସେହିଭଳି ପୁଲିସ ତାଙ୍କୁ ଗିରଫ ମଧ୍ୟ କରୁ ବୋଲି ସୁମିକା ଖରା ଦାବି କରିଛନ୍ତି।

## ରାଉରକେଲାରୁ ୩ଶହ ପେଟି ବିସ୍ଫୋରକ ଜବତ

ରାଉରକେଲା,୩।୬(**ମହାଭାରତ**): ରାଉରକେଲାରୁ ପୁଣି ମିଳିଲା ବିପୁଳ ପରିମାଣର ବିସ୍ଫୋରକ। ରଘୁନାଥ ପଲ୍ଲୀ ଥାନା ଦେଓଗାଁ ସାରୁଆ ଟୋଲାରୁ ଜବତ ହୋଇଛି ୩୦୦ ପେଟି ମେଗା ପ୍ରାଇମ ବ୍ରାଣ୍ଡ ଏକ୍ସପ୍ଲୋସିଭ୍। ଏଥିସହ ବିସ୍ଫୋରକ ଗାଡ଼ିକୁ ଠାବ କରାଯିବା ସହ ଗୋଦାମ ମାଲିକ ଶ୍ରବଣ ଅଗ୍ରୱାଲଙ୍କୁ ଗିରଫ କରାଯାଇଛି।

ଶ୍ରବଣ ଅଗ୍ରୱାଲ ଗିରଫ ହେବା ପରେ ଅଧିକ ତନାଘନା ଆରମ୍ଭ କରିଛି ପୁଲିସ। ଗିରଫ ପରେ ଶ୍ରବଣ ଅଗ୍ରୱାଲଙ୍କୁ କୋର୍ଟରେ ହାଜର କରିଛି ଏସଟିଏଫ। ଗତ ୨୭ ତାରିଖ ଦିନ ମାଓବାଦୀ ଲୁଟିନେଇଥିବା ବିସ୍ଫୋରକ ଭର୍ତ୍ତି ଭ୍ୟାନ ଘଟଣାରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି । ସୂଚନା ଅନୁସାରେ ରଘୁନାଥ ପଲ୍ଲୀ ଥାନା ଚୋରା ଟୋଲା ନିକଟରେ ଲୁଚାଇ ରଖିଥିବା ଏକ ବିସ୍ଫୋରକ ଭର୍ତ୍ତି ଭ୍ୟାନକୁ ଜବତ କରିଛି ଏସଟିଏଫ ଟିମ୍।

ଏସବୁ ବିସ୍ଫୋରକ କେଉଁଠିକୁ ଯାଉଥିଲା ? କେଉଁ ଉଦ୍ଦେଶ୍ୟରେ ଏଇ ବିସ୍ଫୋରକ ଲୁଚା ଯାଇଥିଲା ? ଏନେଇ କୌଣସି ସ୍ପଷ୍ଟ ଉତ୍ତର ମିଳି ପାରିନଥିବା ବେଳେ ଏସବୁ ବିସ୍ଫୋରକ ଶ୍ରବଣ ଅଗ୍ରୱାଲଙ୍କର ବୋଲି ଜଣାପଡ଼ିଛି । ସେପଟେ ନକ୍ସଲ ଲୁଟ କରୁଥିବା ବିସ୍ଫୋରକ ଭର୍ତ୍ତି ଭ୍ୟାନ ଲୁଟ ଘଟଣାରେ ଗୋଦାମ ମାଲିକ ଶ୍ରାବଣ ଅଗ୍ରୱାଲଙ୍କ କିଛି ସମ୍ପୃକ୍ତି ଅଛି କି ନାହିଁ ସେନେଇ ଖୋଳତାଡ଼ ଚାଲିଛି । ସେପଟେ ଏନେଇ ଆମେ ଉଚ୍ଚ ନ୍ୟାୟାଳୟକୁ ଯିବୁ ବୋଲି କହିଛନ୍ତି ଶ୍ରବଣ ଅଗ୍ରୱାଲଙ୍କ ଓକିଲ ।

# ଦେବଗଡ଼ ଜିଲ୍ଲାକୁ ୨୦୫ କୋଟିର ଭେଟି

**ଦେବଗଡ଼,୩।୬(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦେବଗଡ଼ ଜିଲ୍ଲା ଗସ୍ତରେ ଯାଇ ସେଠାରେ ପ୍ରାୟ ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ଦେବଗଡ଼ ଜିଲ୍ଲା ପାଇଁ ଆଜି ୩୦୦ ଶଯ୍ୟା ବିଶିଷ୍ଟ ନବ ନିର୍ମିତ ଡାକ୍ତରଖାନା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଛି। ସୂଚନା ଥାଉକି ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଏବଂ ୪ ଟି ଶିକ୍ଷା ଭିତ୍ତିଭୂମି ଉନ୍ନତିକରଣ ପ୍ରକଳ୍ପ ରହିଛି।

ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏଥିରେ କେନ୍ଦୁପତ୍ର ତୋଳାଳୀଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ତୋଳାଳୀ ଓ ସିଜନାଲ ଷ୍ଟାଫଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳି ମାନଙ୍କ ପାଇଁ ମଶାରୀ ଓ କମ୍ବଳ ପାଇଁ ଜଣଙ୍କ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳି ଓ ସିଜନାଲ ଷ୍ଟାଫ ଉପକୃତ ହେବେ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଦେବଗଡ ଜିଲ୍ଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ଅଛି। ଆମେ ତାହାର ସଠିକ ଉପଯୋଗ କରି ଜିଲ୍ଲାକୁ ରାଜ୍ୟ ବିକାଶ ଧାରାର ମୁଖ୍ୟସ୍ରୋତରେ ଯୋଡିବୁ। ଆମ ସରକାର ଆସିବା ପରେ ଆମେ ଓଡିଶାର ୩୦ଟି ଜିଲ୍ଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ




ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ।

ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଏବଂ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ।

ସେ କହିଥିଲେ ଯେ, ଦେବଗଡ ଜିଲ୍ଲାକୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି।

ସେ ପୁଣି କହିଥିଲେଯେ, ଓଡିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ। ଆମ ସରକାର ଆସିବାର ଏକ ବର୍ଷ ହେବାକୁ ମାତ୍ର ୯ ଦିନ ବାକି ଅଛି। ଆଉ ଏଇ ଏକ ବର୍ଷ ଭିତରେ ଆମେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ତଥା ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ, ଦେବଗଡ ବିଧାୟକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଦେବଗଡ, କବିନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପ୍ରତି ପଞ୍ଚାୟତରୁ ୧୦ ଜଣଙ୍କୁ ପକ୍କା ଘର

ଭୁବନେଶ୍ୱର,୩।୬(ମହାଭାରତ): ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏକ ବଡ଼ ଘୋଷଣା କରିଛି। ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ୧୦ ଜଣ ହିତାଧିକାରୀଙ୍କୁ ଗୃହ ଯୋଜନା ଅନ୍ତର୍ଗତ ପକ୍କା ଘର ଯୋଗାଇ ଦିଆଯିବ। ଏହି ଯୋଜନା ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକାରୀ ହେବ।

ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇ କହିଛନ୍ତି ଯେ, ଗରିବ ଓ ଭୂମିହୀନ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ପ୍ରତିବଦ୍ଧ। ଏହି ଯୋଜନା ଅନ୍ତୋଦୟ ଗୃହ ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏକ ଅଂଶ ଭାବେ କାର୍ଯ୍ୟ କରିବ। ମନ୍ତ୍ରୀ ଆହୁରି କହିଛନ୍ତି, ଆମେ ନିଶ୍ଚିତ କରିବୁ ଯେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତି ଏହି ଯୋଜନାର ଲାଭ ପାଇବେ। ଏଥିପାଇଁ ଆଗାମୀ ୫ ଦିନ ମଧ୍ୟରେ ସମସ୍ତ ବ୍ଲକ ଡେଭଲପମେଣ୍ଟ ଅଫିସର (ବିଡିଓ)ମାନଙ୍କୁ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହି ଯୋଜନା ଅନୁସାରେ, ରାଜ୍ୟର ପ୍ରାୟ ୨୨ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଅନ୍ତୋଦୟ ଗୃହ ଯୋଜନା ଅନ୍ତର୍ଗତ ସାମିଲ କରାଯିବ। ଏହା ସହିତ, ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ଯୋଜନାରେ କଳାହାଣ୍ଡି ଜିଲାରୁ ଆରମ୍ଭ ହେବ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖରେ ଭବାନୀପାଟଣାଠାରେ ହିତାଧିକାରୀଙ୍କୁ ଘର ବାଣ୍ଟିବେ। ଏଥିପାଇଁ ରାଜ୍ୟ ସରକାର ବଜେଟରେ ୭,୫୫୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ଏହି ପଦକ୍ଷେପ ଗରିବ ଓ ଆର୍ଥିକ ଅନଗ୍ରସର ପରିବାରଙ୍କ ଜୀବନଧାରଣରେ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି। ଏହା ସହିତ, ସରକାରଙ୍କ ଏହି ଉଦ୍ୟମ ରାଜ୍ୟରେ ଗୃହହୀନଙ୍କ ସମସ୍ୟା ଦୂର କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଶ୍ୱାସ କରାଯାଉଛି।

# ରାଜ୍ୟରେ ଜନଗଣନା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର,୩।୬(ମହାଭାରତ):** ଜନଗଣନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଫଳରେ ମହିଳା ସଂରକ୍ଷଣ ଓ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ଏହି ଜନଗଣନା ଫଳରେ ୨୦୨୬ରେ ଓଡ଼ିଶାରେ ସୀମା ନିର୍ଦ୍ଧାରଣ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଦେଶ ସ୍ୱାଧୀନ ହେବା ପରେ ପ୍ରଥମ ଥର ଜାତିଭିତ୍ତିକ ଜନଗଣନା ହେଉଥିବାରୁ ଏଥିରେ ପଛୁଆ। ବର୍ଗ ବିଶେଷ ଭାବେ ଉପକୃତ ହେବେ ବୋଲି ଆଲୋଚନା ହେଉଛି।ଆଗକୁ ମହିଳା ସଂରକ୍ଷଣ ଓ ସୀମା ପୁନଃ ନିର୍ଦ୍ଧାରଣ ନେଇ ମଧ୍ୟ କିଛି ନିଷ୍ପତ୍ତି ନିଆଯାଇ ପାରେ। ଏହି ଜନଗଣନା ପାଇଁ ଆଇଏଏସ୍ ନିଖିଳ ପବନ କଲ୍ୟାଣଙ୍କୁ ଜନଗଣନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସେ ଜନଗଣନା ଦାୟିତ୍ୱରେ ରହିବେ। ଏହି ଜନଗଣନା ଫଳରେ ରାଜ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ମଧ୍ୟ ହୋଇପାରେ। ସ୍ୱାଧୀନତା ପରଠାରୁ ଦେଶରେ ୭ ଥର ଜନଗଣନା ହୋଇଛି। ୨୦୧୧ ମସିହା ପରେ ଆଉ ଜନଗଣନା ହୋଇ ନଥିଲା।

## କେନ୍ଦ୍ରୀୟ ଡେପୁଟେସନରେ ଯିବେ ଆଶିଷ ଠାକରେ

**ଭୁବନେଶ୍ୱର, ୩।୬ (ମହାଭାରତ) :** ପୂର୍ବତନ ବିଜେଡି ସରକାର ସମୟରେ ଯେଉଁ ଦାଗି ଅଫିସର ମାନେ ଥିଲେ ସେମାନେ ଜଣଙ୍କ ପରେ ଜଣେ ଓଡ଼ିଶା କ୍ୟାଡର ଛାଡି କେନ୍ଦ୍ରୀୟ କ୍ୟାଡ଼ରକୁ ଫେରୁଥିବା ପାୱାର କରିଡରରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ରୀୟ ଡେପୁଟେସନରେ ବହୁ ଚର୍ଚ୍ଚିତ ଆଇଏଏସ୍ ଅଫିସର ଆଶିଷ ଠାକରେ ଶେଷରେ ଦିଲ୍ଲୀ କ୍ୟାଡରକୁ ଫେରିଯାଉଥିବା ଜଣାପଡ଼ିଛି। ଏହା ପୂର୍ବରୁ ଭିନିଲ କ୍ରିଷ୍ଣା କେନ୍ଦ୍ରୀୟ ଡେପୁଟେସନ ଯିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ମଧ୍ୟରେ ପ୍ରାୟ ଅଧଡଜନରୁ ଅଧିକ ଆଇଏଏସ୍ ଅଧିକାରୀ ଓଡ଼ିଶା ଛାଡି ଦିଲ୍ଲୀ ପଳାଇଯାଇଛନ୍ତି। ସେମାନେ ଗତ ବିଜେଡି ସରକାର ସମୟରେ ସରକାରଙ୍କର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ ବୋଲି ବିଜେପି ଦଳ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ଏହି ଅଫିସର ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ରାଜ୍ୟ ବିଜେପି ସରକାର ବାରମ୍ବାର ଘୋଷଣା କରିଥିଲେ। କିନ୍ତୁ କାର୍ଯ୍ୟତ ଏଭଳି ଅଫିସର ମାନେ ନିର୍ବିଘ୍ନରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଁ ଗୁରୁତ୍ୱପୂର୍ଣ୍ଣ ପଦବୀ ପାଉଥିବା ଲକ୍ଷ୍ୟ କରାଯାଉଛି। ଶ୍ରୀ ଠାକରେ ବର୍ତ୍ତମାନ ରାଜସ୍ୱ ବୋର୍ଡର ସଚିବ ଭାବରେ କାର୍ଯ୍ୟ କରୁଛନ୍ତି।

# ଭୁବନେଶ୍ୱରରେ ପ୍ରବଳ ବର୍ଷା

**ଭୁବନେଶ୍ୱର,୩।୬(ମହାଭାରତ):** ଆଜି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିଥିବାବେଳେ ଅପରାହ୍ନରେ ବର୍ଷାରେ ବେହାଲ୍ ହୋଇଛି ରାଜଧାନୀ। ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ମଙ୍ଗଳବାର ଦିନ ରାଜଧାନୀ ଭୁବନେଶ୍ୱରବାସୀ ଛଟପଟ ହୋଇଥିବାବେଳେ ଅପରାହ୍ନରେ ପାଣିପାଗ ହଠାତ ପରିବର୍ତ୍ତନ ହୋଇଛି। ଅପରାହ୍ନରେ ସମୟରେ ଭୁବନେଶ୍ୱରରେ ଘଡ଼ଘଡ଼ି ସହିତ ବାଦଲଫଟା ବର୍ଷା ହୋଇଛି। ପ୍ରବଳ ବର୍ଷା ପରେ ରାସ୍ତାରେ ପାଣିର ସୁଅ ଛୁଟିଛି। ତଳିଆ। ଅଞ୍ଚଳ ଜଳାର୍ଣ୍ଣବ ହୋଇଥିବା ବେଳେ ଭୁବନେଶ୍ୱରର ଅନେକ ମୁଖ୍ୟରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି। ପ୍ରବଳ ବର୍ଷା ଯୋଗୁଁ ଜନପଥ, ବମିଖାଲ ଓ ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷା ପାଣିରେ ଅନେକ ସ୍ଥାନରେ ଗାଡ଼ିଗୁଡ଼ିକ ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାରେ ଯାନବାହନ ଚଳାଚଳରେ ସମସ୍ୟା ହୋଇଥିଲା। ତଳିଆ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯିବାରୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ସମେତ ଓଡ଼ିଶାର ୧୦ ଜିଲା ପାଇଁ ଅରେଞ୍ଜ



ଚେତାବନୀ ଜାରି କରିଛି। ମାଲକାନଗିରି, ଭୁବନେଶ୍ୱର ସହ ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ରାୟଗଡ଼ା, ସୁନ୍ଦରଗଡ଼, ନୟାଗଡ଼ ଓ କେନ୍ଦୁଝର ଜିଲାରେ ଝଡ଼ତୋଫାନ, ବଜ୍ରପାତ ଓ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି।

ରାଜଧାନୀ ଭୁବନେଶ୍ୱରରେ ଆଜି ଅପରାହ୍ନ ୪ ଟାରୁ ପ୍ରାୟ ୨ ଘଣ୍ଟା ଯାଏଁ ମଧ୍ୟମରୁ ପ୍ରବଳ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ କାଳବୈଶାଖୀ ଓ ବଜ୍ରପାତ ହୋଇଥିବା ବେଳେ ଆଜି ରାତିରେ ପ୍ରବଳ ବର୍ଷା ଆଶା କରାଯାଉଛି। ଭାରତୀୟ ପାଣିପାଗ ବିଭଗର ତଥ୍ୟ ଅନୁଯାୟୀ, ସ୍ୱତନ୍ତ୍ର ରିଲିଫ କମିସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ତିନି ଘଣ୍ଟା ଯାଏଁ ଭୁବନେଶ୍ୱର ସମେତ ଏହାର ଆଖପାଖ ଅଞ୍ଚଳରେ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ଅଛି ବୋଲି କୁହାଯାଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ କହିବା ଅନୁସାରେ ଭୁବନେଶ୍ୱରରେ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ୫୭ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଆଜି ରାଜଧାନୀରେ ହେଇଥିବା ବର୍ଷାରେ

ରସୁଲଗଡ଼କୁ ସଂଯୋଗ କରୁଥିବା ଦୟା-ଷ୍ଟେ କେନାଲର ପ୍ରାୟ ୩୦ ଫୁଟ ଦୀର୍ଘ ରାସ୍ତା ଦବିଯାଇଛି। ଏପଟେ କେନାଲ ପାଣି ରାସ୍ତା ଉପରକୁ ଆସି ଲୋକଙ୍କ ଘରେ ପଶିଥିବା ଜଣାପଡ଼ିଛି ପ୍ରାୟ ୨୦ ଫୁଟ ତଳକୁ ଦବିଥିବା ରାସ୍ତା ଆଉ ଟିକେ ଅଧିକ ବର୍ଷା ହେଲେ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିବ ବୋଲି କୁହାଯାଉଛି ।ତେବେ ଘଟଣା ସ୍ଥଳରେ ମେୟର ଓ ଜଳ ସମ୍ପଦ ଅଧିକାରୀ ପହଞ୍ଚି ତଦାରଖ କରୁଛନ୍ତି ।ସ୍ମାର୍ଟ ସିଟିରେ ଏଭଳି ଦୃଶ୍ୟ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଛି । ବର୍ଷା ପୂର୍ବରୁ କେନାଲରୁ ଦଳ ସଫା କରାହେବା କଥା କିନ୍ତୁ ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ ଯଦ୍ଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତଜନା ଦେଖିବାକୁ ମିଳିଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ଯେ, ଆଗାମୀ ତିନି ଦିନ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା, କାଳବୈଶାଖୀ ଓ ବଜ୍ରପାତର ସମ୍ଭାବନା ରହିଛି। ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେଓଗଡ଼ ଓ ସୁନ୍ଦରଗଡ଼ରେ ବଜ୍ରପାତ ସହ ୫୦-୬୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛିୟ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ୭ରୁ ୧୧ ସେମି ଭାରୀ ବର୍ଷା ହୋଇପାରେ।

## ଛାତ ଭୁଶୁଡ଼ି ଶ୍ରମିକ ମୃତ

**ଭୁବନେଶ୍ୱର,୩।୬(ମହାଭାରତ):** ଗୃହ ନିର୍ମାଣ ପାଇଁ କାମ ଜାରି ଥିବାବେଳେ ଅଘଟଣ ଘଟିଛି। ଭୁବନେଶ୍ୱର ପୋଖରୀପୁଟ ଲିଙ୍ଗରାଜ ବିହାରରେ ଅଘଟଣ ଏକ ପୁରୁଣା ଘର ଭାଙ୍ଗିବା ବେଳେ ଛାତ ଭୁଶୁଡ଼ି ପଡ଼ିବାରୁ ୩ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ଚାପି ହୋଇଯାଇଥିବା ଶ୍ରମିକଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଶ୍ରମିକଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଶ୍ରମିକ ଜଣକ ହେଲେ ଧରଣୀଧର ଦତ୍ତ।



ତାଙ୍କ ଘର ବାଲେଶ୍ୱର ଜିଲ୍ଲାରେ। ସେହିଭଳି ଆହତ ଦୁଇ ଶ୍ରମିକ ହେଲେ, ଏସକେ ଅବଦୁଲ ଏବଂ ଶିଶିର ଦତ୍ତ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ପୁରୁଣା ଘର ଭାଙ୍ଗିବା କାର୍ଯ୍ୟରେ ୭ରୁ ୮ଜଣ ଶ୍ରମିକ ନିୟୋଜିତ ହୋଇଥିଲେ। ଦୁର୍ଘଟଣା ପରେ ଅନ୍ୟ ଶ୍ରମିକମାନେ ସେଠାରୁ ଦୌଡ଼ିପଳାଇଥିଲେ। ପୁରୁଣା ଘର ଭାଙ୍ଗିବା ବେଳେ ଲେବର ଲ ପାଳନ ହୋଇନଥିଲା। ଶ୍ରମିକମାନେ ଜୋତା କିମ୍ବା ହେଲମେଟ୍ ପିନ୍ଧିନଥିଲେ। ଏହି ଦୁର୍ଘଟଣା ପାଇଁ ଠିକାଦାର ଓ ଘର ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଭୁବନେଶ୍ୱର ଜଏଣ୍ଟ ଲେବର କମିଶନର । ଅନ୍ୟପଟେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ପୋଲିସ କମିଶନର।

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସେଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡା ପକାଇ ଭଲ ଭାବରେ ଚକଟି ଦିଅନ୍ତ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

## ଖବର

# 'ଡକାୟତ': ଅଦିଭିଙ୍କ ବିପକ୍ଷରେ ମୃଣାଳ



ଅଭିନେତା ଅଦିଭି ଶେଷ ଏବଂ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମ 'ଡକାୟତ: ଏକ ପ୍ରେମ କଥା'ର ଟିଜରକୁ ସୋମବାର ଜାରି କରାଯାଇଛି। ଟିଜର ସାମ୍ନାକୁ ଆସିବା ପରେ ଫିଲ୍ମକୁ ନେଇ ଅଦିଭି ଏବଂ ମୃଣାଳଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୧ ମିନିଟ୍ ୧ ସେକେ□ ଲମ୍ବା ଏହି ଟିଜରର ଏକ ଦୃଶ୍ୟରେ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟିଜରରେ ଅଦିଭିଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିବାବେଳେ ଏଥିରେ ଅଦିଭି ଏବଂ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ପ୍ରେମ ଏବଂ ବିଶ୍ୱାସଘାତକତାକୁ ନେଇ ଆଧାରିତ ରହିଥିବା ନେଇ ଟିଜରରୁ ଜଣାପଡୁଛି। ଆସନ୍ତା ଡିସେମ୍ବର ୨୫ରେ କ୍ରିସ୍ମାସ୍ ଅବସରରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଏହି ଫିଲ୍ମକୁ ରିଲିଜ୍ କରାଯିବ। ଶାନାଲୀ ଦେଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଥମେ ଅଭିନେତ୍ରୀ ଶ୍ରୁତି ହାସନ ଅଦିଭିଙ୍କ ବିପକ୍ଷରେ ନଜରକୁ ଆସିବେ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ଶ୍ରୁତି କୌଣସି କାରଣବଶତଃ ଫିଲ୍ମରୁ ଓହରି ଯିବାରୁ ମୃଣାଳଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିଛି। 'ଡକାୟତ' ଫିଲ୍ମରେ ଅଭିନେତା ପ୍ରକାଶ ରାଜ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ।



## ରାତିରେ ପନିର ସେବନ କରିବା ଉଚିତ କି ଅନୁଚିତ



ପନିର ପ୍ରୋଟିନର ଏକ ଉତ୍ତମ ସ୍ରୋତ। ମାତ୍ର ରାତି ସମୟରେ ପନିର ଖାଇବା ଉଚିତ କି ନୁହେଁ। ସ୍ୱାସ୍ଥ୍ୟ ଉପରେ ଏହାର କି ପ୍ରଭାବ ପଡିଥାଏ। ଜାଣନ୍ତୁ..

ରାତିରେ ପନିର ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ରାତିରେ ପନିର ଖାଇବା ଦ୍ୱାରା ପେଟ ଫୁଲିବା ଓ ପେଟ ବଢିବା ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ଅଧିକ ପନିର ସେବନ କରିବା ଦ୍ୱାରା ଶରୀରରେ କୋଲେଷ୍ଟେରୋଲ୍ ସ୍ତର ବୃଦ୍ଧି ହୋଇଥାଏ। ଫଳରେ ହୃଦୟ ଜନିତ ସମସ୍ୟା ମଧ୍ୟ ଦେଖାଦିଏ।

ରାତିରେ ପନିର ଖାଇବା ଦ୍ୱାରା ଶରୀରରେ ଫ୍ୟାଟ୍ ବଢିଥାଏ। ଫଳରେ ମୋଟାପଣ ମଧ୍ୟ ବୃଦ୍ଧି ହୋଇଥାଏ।

ପନିର ଖାଇବା ଦ୍ୱାରା ରାତିରେ ପାଚନ ସମସ୍ୟା ସୃଷ୍ଟି ହୋଇ ନିଦରେ ମଧ୍ୟ ପ୍ରଭାବ ପକାଇଥାଏ। ଫଳରେ ରାତିରେ ସଠିକ ଭାବେ ନିଦ ହୋଇନଥାଏ।

ରାତିରେ ପନିର ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ।ଅଧିକ ପନିର ସେବନ କରିବା ଦ୍ୱାରା ମାନ୍ଦା ଅନୁଭବ ହୋଇଥାଏ।

# ସ୍ୱାସ୍ଥ୍ୟ ପାଇଁ ହିତକର ସପେଟା

ସପେଟା, ଏକ ସ୍ୱାଦିଷ୍ଟ ଏବଂ ଭିଟାମିନ୍‌ରେ ଭରପୁର ଫଳ । ଏକ୍ସପର୍ଟଙ୍କ ଅନୁସାରେ, ପ୍ରତ୍ୟେକ ଦିନ ଗୋଟିଏ ସପେଟା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ । ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ଭାଇରଲ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହେବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ । ଚାଲନ୍ତୁ ଜାଣିବା ଏହି ଫଳର ବିଶେଷ ଉପକାରିତା ବିଷୟରେ

କ୍ୟାନ୍ସର ରୋଗରୁ ବଞ୍ଚାଇଥାଏ : ଏଥିରେ ଭିଟାମିନ- ଏ ଏବଂ ବି, ଆଇରନ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ । ଏହାକୁ ଖାଇବା ଦ୍ୱାରା ଶରୀରରେ କ୍ୟାନ୍ସର କୋଷକୁ ବୃଦ୍ଧି କରିବାରେ ରୋକିଥାଏ । ଫୁସଫୁସ ଏବଂ ମୁଁଖ କ୍ୟାନ୍ସର ହେବାରୁ ବଞ୍ଚାଇଥାଏ ।

କିଡ୍‌ନୀ ଷ୍ଟୋନ୍ ରୁ ମୁକ୍ତି ଦେଇଥାଏ : କିଡ୍‌ନୀ ଷ୍ଟୋନ୍ ପାଇଁ ଚିନ୍ତିତ ଥିବା ଲୋକଙ୍କୁ ସପେଟା ର ମଞ୍ଜିକୁ ଗୁଣ୍ଡ କରି ଖାଇବା ଉଚିତ । ଏହାକୁ ଖାଇବା ଦ୍ୱାରା



ପଥର, ପରିଶ୍ରା ରେ ବାହାରି ଯାଇଥାଏ । ଏଥି ସହିତ କିଡ୍‌ନୀ ଜନିତ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ ।

ଆଖି ପାଇଁ ଲାଭ ଦାୟକ: ସପେଟାରେ ଭିଟାମିନ-ଏ ରହିଥିବା କାରଣରୁ ଆଖିର ଉଜ୍ୱଳ ବଢିବା ସହିତ ଆଖିଜନିତ ସମସ୍ୟାରୁ ବଞ୍ଚାଇଥାଏ । ସେଥିଲାଗି ସମସ୍ତଙ୍କୁ ନିଜର ଡାଏଟ୍ ରେ ଏହାକୁ ଖାଇବା ଉଚିତ ।

ହାଡ ମଜବୁତ କରିଥାଏ : କ୍ୟାଲସିୟମ୍ ରେ ଭରପୁର ସପେଟା କୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଗଣ୍ଠି ଜନିତ କଷ୍ଟରୁ ମଧ୍ୟ ଉପଶମ ମିଳିଥାଏ ।

ଚିନ୍ତା ଦୂର କରିଥାଏ : ନିଜର ବ୍ୟସ୍ତବହୁଳ ଜୀବନ କାରଣରୁ ବ୍ୟକ୍ତି ସବୁବେଳେ ଚିନ୍ତାରେ ରହିଥାଏ । ଏଥିପାଇଁ ଆଣ୍ଟି-ଅକ୍ସିଡେଣ୍ଟ ଗୁଣରେ ଭରପୁର ସପେଟା ଖାଇବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହିତ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ ।

# ବାଦୁଡ଼ିଙ୍କୁ ପୂଜା କରନ୍ତି ଗ୍ରାମବାସୀ



ଦେଶର ବିଭିନ୍ନ ସ୍ଥାନରେ ବାଦୁଡ଼ି ରହିଛନ୍ତି। କେତେକ ସ୍ଥାନରେ ବାଦୁଡ଼ିଙ୍କୁ ଅଶୁଭ ବୋଲି ବିବେଚନା କରାଯାଏ। ତେବେ ବିହାର ମୁଜାଫରପୁର ଜିଲା ଅନ୍ତର୍ଗତ ଛପରା ଗାଁର ବାସିନ୍ଦା ବାଦୁଡ଼ିଙ୍କୁ ପୂଜା କରିଥାନ୍ତି। ଏହି ଗାଁ ନିକଟରେ ଥିବା ଗଛରେ ବହୁସଂଖ୍ୟକ ବାଦୁଡ଼ି ରହିଛନ୍ତି। ଗ୍ରାମବାସୀଙ୍କ ଅନୁଯାୟୀ ବାଦୁଡ଼ି ହେଉଛନ୍ତି ଏହି ଗାଁର ରକ୍ଷକ। ଯଦି କୌଣସି ବ୍ୟକ୍ତି ବାଦୁଡ଼ିଙ୍କୁ ମାରିଥାଏ କିମ୍ବା ହଇରାଣ କରେ ତେବେ ସମଗ୍ର ଗାଁକୁ ବିପତ୍ତି ପଡ଼ିଥାଏ। ଏପରି କରିଥିବା ବ୍ୟକ୍ତିର ଘରେ ବେମାରୀ, କଳିଝଗଡ଼ା ଓ ଆର୍ଥିକ କ୍ଷତି ହୋଇଥାଏ। ଏହି ଗାଁର ବୟସ୍କବ୍ୟକ୍ତିଙ୍କ କହିବାନୁଯାୟୀ ପ୍ରାୟ ଛଅଶହ ବର୍ଷ ପୂର୍ବେ ମେଘ ରାୟ ନାମକ ଜଣେ ବ୍ୟକ୍ତି ଏହି ଗାଁର ସ୍ଥାପନା କରିଥିଲେ। ତାଙ୍କର ୪ ପୁଅ ଥିଲେ। ଧୀରେଧୀରେ ତାଙ୍କ ବଂଶ ବିସ୍ତାର ହୋଇଥିଲା। ସେହି ସମୟରୁ ଗାଁ ନିକଟରେ ଥିବା ଗଛରେ ବାଦୁଡ଼ି ରହି ଆସୁଥିଲେ। ତେବେ ପ୍ରାୟ ଅଢ଼େଇଶହ ବର୍ଷ ତଳେ ଜଣେ ବ୍ୟକ୍ତି ବାଦୁଡ଼ିଙ୍କୁ ଗାଁରୁ ଅନ୍ୟତ୍ର ଘଉଡାଇ ଦେଇଥିଲା।

ବାଦୁଡ଼ିମାନେ ଅନ୍ୟତ୍ର ଚାଲିଯିବା ପରେ ଗାଁରେ ଅକାଳ ପଡ଼ିଥିଲା, ଗ୍ରାମବାସୀ ନାନା ରୋଗରେ ପଡ଼ିଥିଲେ ଏବଂ ଚାରିଆଡ଼େ ସଙ୍କଟ ସୃଷ୍ଟି ହୋଇଥିଲା। ସଙ୍କଟ ଦୂର କରିବାକୁ ଗ୍ରାମବାସୀ ପଣ୍ଡିତଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଇଥିଲେ। ଏହାବ୍ୟତୀତ ଯେଉଁ ଅଞ୍ଚଳକୁ ବାଦୁଡ଼ିମାନେ ଚାଲି ଯାଇଥିଲେ ସେଠାକୁ ଯାଇ ପୂଜା କରିବା ସହ ପୁନର୍ବାର ଗାଁକୁ ଫେରି ଆସିବାକୁ ବାଦୁଡ଼ିଙ୍କୁ ପ୍ରାର୍ଥନା କରିଥିଲେ। କିଛିସମୟ ପରେ ବାଦୁଡ଼ିମାନେ ଛପରା ଗାଁକୁ ଫେରି ଆସିଥିଲେ। ସେବେଠାରୁ ଏହି ଗାଁରେ ବାଦୁଡ଼ିଙ୍କୁ ଦେବତା ମାନ୍ୟତା ପ୍ରଦାନ କରାଯିବା ସହ ପୂଜାର୍ଚ୍ଚନା ହେଉଛି। ଏହି ଗାଁ ନିକଟ ଗଛରେ ପାଖାପାଖି ୫୦ ହଜାର ବାଦୁଡ଼ି ଅଛନ୍ତି। ଗ୍ରାମବାସୀଙ୍କ ଦ୍ୱାରା ବାଦୁଡ଼ିଙ୍କୁ ପୂଜାର୍ଚ୍ଚନା କରାଯିବା ଘଟଣା ଗଣମାଧ୍ୟମରେ ପ୍ରଚାର ହେବା ପରେ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି।

# ଦେହ ପାଇଁ ଭଲ ଜାମୁକୋଳି ମଞ୍ଜି

ଜାମୁକୋଳି ପ୍ରାୟ ସମସ୍ତଙ୍କର ପସନ୍ଦ । ଏହା ଖାଇବାକୁ ଯେତିକି ଭଲ ଲାଗେ ଏଥିରେ ଭିଟାମିନ୍ ବି ବହୁ ମାତ୍ରାରେ ଭରି ରହିଛି । ରାସ୍ତା କଡରେ ପୁଳାପୁଳା ଜାମୁକୋଳି ବିକ୍ରି ହେଉଥିବା ଦେଖିବାକୁ ମିଳେ ଆଉ ସେସବୁକୁ ଲୋକେ ଲୋଭରେ ଘରେ ନେଇ ଲଙ୍କା ଲୁଣ ସହ କିଏ କିଏ ଖାଆନ୍ତି ତ କେହି କେହି ଖାଲି ଖାଆନ୍ତି । ଜାମୁକୋଳି ସମସ୍ତେ ଖାଇବାକୁ ଭଲପାଉଥିବା ବେଳେ କୋଳି ଖାଇ ସାରିବା ପରେ କିନ୍ତୁ ଆମେ ସମସ୍ତେ ଏହାର ମଞ୍ଜିକୁ ଫୋପାଡି ଦେଉ । କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯାହାକୁ ଅଲୋଡ଼ା ଭାବି ଆମେ ଫୋପାଡ଼ି ଦେଉ ସେହି ମଞ୍ଜିରେ ଥାଏ ଅନେକ ଔଷଧୀୟ ଗୁଣ । ତେବେ ଆସନ୍ତୁ ଜାଣିବା ଜାମୁକୋଳି ମଞ୍ଜିର ଫାଇଦା ବାବଦରେ



-ଜାମୁକୋଳି ପରି ଏହାର ମଞ୍ଜି ମଧ୍ୟ ପୋଷକ ତତ୍ତ୍ୱରେ ଭରପୂର ହୋଇ ରହିଥାଏ । ଏହି ମଞ୍ଜିର ପାଉଡର ଡାଇବେଟିସ୍ ଏବଂ ବ୍ଲଡ୍ ପ୍ରେସର ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ ହୋଇଥାଏ।

-ପ୍ରତିଦିନ ଏହି ପାଉଡର ଖାଇବା ଦ୍ୱାରା ପାଚନ ଏବଂ ମେଟାବୋଲିଜିମ୍ ଠିକ୍ ରହେ । ଜାମୁକୋଳି ମଞ୍ଜିର ପାଉଡର ଲିଭର୍ ଏବଂ ହାର୍ଟକୁ ସୁସ୍ଥ ରଖେ।

-ଡାଏବେଟିସ୍ ରୋଗୀଙ୍କ ପାଇଁ ଜାମୁକୋଳି ସହ ଏହାର ମଞ୍ଜିରୁ ପ୍ରସ୍ତୁତ ପାଉଡର୍ ଭାରି ଲାଭ ଦାୟକ । ଏହାର ପାଉଡର୍ ଶରୀରରେ ଇନସୁଲିନର ସ୍ତର ବାଢ଼ିବାରେ ସାହାଯ୍ୟ କରେ ।

-ଯଦି ଆପଣଙ୍କ ଶରୀରରେ ଉଚ୍ଚ ରକ୍ତଚାପର ସମସ୍ୟା ଦେଖାଯାଉଛି ତା'ହେଲେ ଜାମୁକୋଳି ମଞ୍ଜିର ପାଉଡର୍ ସେବନ କରିପାରିବେ । ଏଥିରେ ଥିବା ଔଷଧୀୟ ଗୁଣ ବ୍ଲଡ୍ ପ୍ରେସରକୁ ନିୟନ୍ତ୍ରଣ ରଖିଥାଏ

-ଶରୀରରେ ବର୍ଦ୍ଧିତ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ ଜାମକୋଳି ମଞ୍ଜିର ପାଉଡର । ଯଦି ଆପଣ ସକାଳୁ ସକାଳୁ ଏହି ପାଉଡରକୁ ଖାଉଛନ୍ତି ତା'ହେଲେ କିଛି ଦିନ ମଧ୍ୟରେ ଓଜନ କମିପାରେ । ସକାଳୁ ଖାଲି ପେଟରେ ଗୋଟିଏ ଚାମଚ ପାଉଡରକୁ ଉଷୁମ ପାଣିରେ ପିଇବା ଦ୍ୱାରା ଓଜନ କମିଥାଏ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଥିବା ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

# ଜଳ ନିଷ୍କାସନ ସମସ୍ୟା ଶୀଘ୍ର ସମାଧାନ ନିର୍ଦ୍ଦେଶ



ଭୁବନେଶ୍ୱର,୩।୬ (ମହାଭାରତ): ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱରରେ ଜଳ ନିଷ୍କାସନ ପରିସ୍ଥିତିର ସମୀକ୍ଷା କରିବା ସହିତ ବାସିନ୍ଦାଙ୍କ ପାଇଁ ଜଳବନ୍ଦୀମୁକ୍ତ ଏବଂ ସୁରକ୍ଷିତ ସହରାଞ୍ଚଳ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ, ଡକ୍ଟର ମହାପାତ୍ର ବ୍ୟକ୍ତିଗତ ଭାବରେ କୃଷ୍ଣା ଟାୱାର ନିକଟରେ ଇସ୍କନ୍ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ସ୍କୋୟାର, ରାଜୀବ ନଗର, ଭୋଇ ନଗରରେ ଡ୍ରେନ୍ ନମ୍ବର ୯, ଡ୍ରେନ୍ ନମ୍ବର ୪ ଏବଂ ଏସ୍ପ୍ଲାନେଡ୍ ମଲ୍ ଏବଂ ଦୁର୍ଗା ମଣ୍ଡପ ନିକଟ ବମିଖାଲ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଯାଞ୍ଚ କରିଛନ୍ତି। ମନ୍ତ୍ରୀ ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକ ସମୀକ୍ଷା କରିଛନ୍ତି ଏବଂ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍ରୁ ପଙ୍କ ଉଦ୍ଧାର ଏବଂ ସଫା କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ସେ ତୁରନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି।

କ୍ଷେତ୍ର ପରିଦର୍ଶନ ପରେ, ଡକ୍ଟର ମହାପାତ୍ର ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସହିତ ଏକ ଭିଡିଓ କନଫରେନ୍ସିଂ କରିଥିଲେ। ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପରିମଳ, ଡ୍ରେନେଜ୍ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର ଏକ ବର୍ଷ ପାଳନ ପାଇଁ ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା।

ସମୀକ୍ଷା ସମୟରେ, ମନ୍ତ୍ରୀ ସ୍ପଷ୍ଟ କରିଥିଲେ ଯେ ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା କଠୋର କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିବ। ମୌସୁମୀ ସମୟରେ ନାଗରିକଙ୍କ ସୁରକ୍ଷା ଏବଂ ସୁବିଧା ଆଲୋଚନାଯୋଗ୍ୟ ନୁହେଁ, ବୋଲି ସେ ଗୁରୁତ୍ୱାରୋପ କରିଥିଲେ।

ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ପୌରସଂସ୍ଥାଗୁଡିକୁ ବିଭାଗ ଦ୍ୱାରା ଜାରି ମାନକ ମାର୍ଗ ଦର୍ଶିକା କଠୋର ଭାବରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ଆବଶ୍ୟକ ସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ, ବୋଲି ସେ କହିଥିଲେ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓଡ଼ିଶାର ସମସ୍ତ ସହରାଞ୍ଚଳ ବାସିନ୍ଦାଙ୍କ ଜୀବନଧାରଣର ଗୁଣବତ୍ତା ଉନ୍ନତ କରିବା ଏବଂ ସହରାଞ୍ଚଳ ବନ୍ୟା ବିପଦକୁ କମ କରିବା ପାଇଁ ଦୃଢ଼ ପ୍ରସ୍ତୁତି ଏବଂ ସମୟୋଚିତ ପଦକ୍ଷେପ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଛି। ବୈଠକରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭିଏତନାମରେ ମାଇ ସନ୍ ମନ୍ଦିର ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର,୩।୬ (ମହାଭାରତ): ଭାରତରୁ ଭିଏତନାମ ନିଆଯାଇଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ଏବେ ଭିଏତନାମରେ ଥିବା ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ରବିବାର ଦିନ କ୍ୱାଙ୍ଗ୍ ନାମ୍ ପ୍ରଦେଶର ପ୍ରସିଦ୍ଧ ମାଇ ସନ୍ ମନ୍ଦିର ପରିସର ପରିଦର୍ଶନ କରିଥିଲେ। ଏହି ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ସହାୟତାରେ ପୁନରୁଦ୍ଧାର କରାଯାଉଥିବା ବେଳେ ରାଜ୍ୟପାଳଙ୍କ ପରିଦର୍ଶନ ଗୁରୁତ୍ୱ ବହନ କରୁଛି। ମାଇ ସନ୍ ଭିଏତନାମର ସବୁଠାରୁ ମହତ୍ୱପୂର୍ଣ୍ଣ ସାଂସ୍କୃତିକ ସ୍ଥଳ ମଧ୍ୟରୁ ଅନ୍ୟତମ ଏବଂ ଏହାର କେତେକ ହିନ୍ଦୁ ମନ୍ଦିର ଚତୁର୍ଥ ଶତାବ୍ଦୀର। ଏହି ପୁରୁଣା ମନ୍ଦିରଗୁଡ଼ିକ ଚମ୍ପା ରାଜ୍ୟ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଦକ୍ଷିଣ ପୂର୍ବ ଏସିଆର ସହଭାଗୀ ସାଂସ୍କୃତିକ ଅତୀତର ପ୍ରମୁଖ ପ୍ରତୀକ ଭାବେ ଦେଖାଯାଏ।

ରାଜ୍ୟପାଳ ଏହି ପରିଦର୍ଶନ ସମୟରେ ଭାରତର ସହାୟତାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ତଦାରଖ କରିଥିଲେ ଏବଂ ସଂପୃକ୍ତ ଅଧିକାରୀମାନେ ଏହି ସ୍ଥାନର ପ୍ରାଚୀନ ଢାଂଚାକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ସ୍ୱତନ୍ତ୍ର କୌଶଳ ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସେଠାରେ ମନ୍ଦିର ପରିସର ଏକ ମନୋରମ ଉପତ୍ୟକାରେ ଅବସ୍ଥିତ, ଯାହା ସୁନ୍ଦର ପର୍ବତମାଳା ଓ ପ୍ରବାହମାନ ଝରଣା ଦ୍ୱାରା ଘେରିହୋଇ ରହିଛି। ଏହା ସପ୍ତମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଚମ୍ପା ସଭ୍ୟତାର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରଭାବରେ ବିଦିତ ଥିଲା। ବର୍ତ୍ତମାନ ପ୍ରାୟ ୭୦ଟି ମନ୍ଦିରର ସ୍ଥିତି ମାଇ ସନ୍ ଠାରେ ରହିଛି। ମନ୍ଦିରଗୁଡ଼ିକର ଅନନ୍ୟ ନିର୍ମାଣ ଶୈଳୀ ଖୋଲ ରେଖାକୁ ଲୁଚାଇ ରଖିଛି ଏବଂ ମନ୍ଦିରଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ଦୃଢ ରହି ଐତିହାସିକ ଏବଂ



ସ୍ଥପତିମାନଙ୍କର ଆକର୍ଷଣ ସାଜିଛି। ଏହି ସ୍ଥାନଟି ଚମ୍ପା ରାଜ୍ୟ ଏବଂ ଭାରତ ଓ ଚୀନ ଭଳି ମହାନ ସଭ୍ୟତା ମଧ୍ୟରେ ସାଂସ୍କୃତିକ ସଂପର୍କକୁ ଦର୍ଶାଉଛି। ଓଡିଶାର ରାଜ୍ୟପାଳଙ୍କ ଏହି ଗସ୍ତ ଭାରତ ଏବଂ ଭିଏତନାମ ମଧ୍ୟରେ ଘନିଷ୍ଠ ସାଂସ୍କୃତିକ ଏବଂ ସହଭାଗୀ ଐତିହ୍ୟକୁ ସୁରକ୍ଷା ଦେବାରେ ଭାରତର ଭୂମିକାକୁ ସୂଚାଉଛି।

# ଆମ ଇତିହାସ ସମସ୍ତଙ୍କର ମାର୍ଗଦର୍ଶକ ହେଉ

ଭୁବନେଶ୍ୱର,୩।୬ (ମହାଭାରତ): ଓଡ଼ିଶାର ଇତିହାସ ହେଉଛି ସମୃଦ୍ଧ। ଏହି ସମୃଦ୍ଧ ଇତିହାସ ଯୁବବର୍ଗଙ୍କୁ ପ୍ରେରିତ କରୁ। ଯୁବପିଢ଼ିଙ୍କ ମଧ୍ୟରେ ଏକ ନୂତନ ଚିନ୍ତା ଚେତନାର ଉନ୍ମେଷ ନିମନ୍ତେ ଆମ ଇତିହାସ ଏକ ମାର୍ଗଦର୍ଶକ ଭଳି କାର୍ଯ୍ୟ କରୁ। ଓଡ଼ିଆ। ଜାତୀୟତାବାଦ କେବେ



ହେଲେ ମଧ୍ୟ ଆଞ୍ଚଳିକତାବାଦ ମଧ୍ୟରେ ସୀମିତ ନୁହେଁ। ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିବା, ବିଚାର ଓ ବିତର୍କ କରି ନିଷ୍କର୍ଷରେ ଉପନୀତ ହେବା ହେଉଛି ଆମ ଗଣତାନ୍ତ୍ରିକ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ଆଜି ଅନୁଷ୍ଠିତ ହେଉଥିବା କଳିଙ୍ଗ ଯୁଦ୍ଧ କର୍ମଶାଳାରେ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋଚନା କରାଯାଇ ଏହି ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଆକାରରେ ପ୍ରସ୍ତୁତ କରାଯିବ ଯାହାକି ଆମ ଉତ୍ତରପିଢ଼ିଙ୍କୁ ଆମ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିବ। ଆଗାମୀ ଦିନରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଆମ ଯୁବପିଢ଼ି ଏକ ବଳିଷ୍ଠ ନେତୃତ୍ୱ ନେବେ ଏବଂ କଳିଙ୍ଗର ଦାୟାଦ ଭାବରେ ସେମାନେ ଗର୍ବର ସହ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥ ନିବାସ ଠାରେ କଳିଙ୍ଗ ଯୁଦ୍ଧ କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କର୍ମଶାଳାରେ ଯୋଗଦେଇ କଳିଙ୍ଗ ଯୁଦ୍ଧର ଇତିହାସ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିସହିତ ଓଡ଼ିଶାର ନୌବାଣିଜ୍ୟ ଇତିହାସ, ଓଡ଼ିଶାର ନୌସେନାର ଇତିହାସ, ବିଭିନ୍ନ ବୌଦ୍ଧ କୀର୍ତ୍ତିରାଜି ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଏହା ସହିତ ଆଲୋଚନା ଚକ୍ରର ନିଷ୍କର୍ଷକୁ ଦସ୍ତାବିଜ ଭାବେ ପ୍ରସ୍ତୁତ କରି ଏହାର ଯେପରି ସଠିକ ଭାବେ ଚିନ୍ତନ, ମନନ ଏବଂ ଅନୁଶୀଳନ କରାଯାଇପାରିବ ସେ ଦିଗରେ ଓଡ଼ିଶା ସାହିତ୍ୟ ଏକାଡେମୀକୁ ଗୁରୁତ୍ୱାରୋପ କରିବା ନିମନ୍ତେ ମନ୍ତ୍ରୀ ମତପ୍ରକାଶ କରିଥିଲେ।

ଆଜିର ଏହି କର୍ମଶାଳାରେ କଳିଙ୍ଗ ଯୁଦ୍ଧ ପୂର୍ବ କଳିଙ୍ଗ ରାଜ୍ୟର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସାମରିକ ସ୍ଥିତି, କଳିଙ୍ଗ ଯୁଦ୍ଧ କାଳ ଖଣ୍ଡରେ କଳିଙ୍ଗ ରାଜ୍ୟର ସ୍ଥିତି, କଳିଙ୍ଗ ଯୁଦ୍ଧ ପରର କଳିଙ୍ଗର ସ୍ଥିତି ଆଦି ଶୀର୍ଷକକୁ ନେଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକ, କଥାକାର, ସ୍ତମ୍ଭକାର ଓ ଇତିହାସ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ସୁସାହିତ୍ୟିକ ତଥା ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା



ଭୁବନେଶ୍ୱର,୩।୬ (ମହାଭାରତ): ଭୁବନେଶ୍ୱର ଲୋକସେବା ଭବନସ୍ଥିତ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ବିଭାଗର ବିଭିନ୍ନ ଯୋଜନାଗୁଡିକ ବିଷୟରେ ସବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ, ମନ୍ତ୍ରୀ ବିଭାଗୀୟ ସମସ୍ତ ଅଧିକାରୀ, ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇ "ବିକଶିତ ଗାଁ ବିକଶିତ ଓଡ଼ିଶା" କାର୍ଯ୍ୟକ୍ରମ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିପାରିବ ବୋଲି ମତପ୍ରକାଶ କରିଥିଲେ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମୀକ୍ଷା ବୈଠକ ମଧ୍ୟରେ 'ବିକଶିତ ଗାଁ ବିକଶିତ ଓଡ଼ିଶା,' 'ଅନ୍ତ୍ୟୋଦୟ ଗୃହ ଯୋଜନା,' 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ),' 'ଏମ.ଜି.ଏନ.ଆର.ଇ.ଜି.ଏସ.' ଓ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଉପରେ ବିଶେଷ ଅଲୋଚନା ହୋଇଥିଲା। ବୈଠକରେ, ମାନ୍ୟବର ମନ୍ତ୍ରୀ ଏହି ଯୋଜନାଗୁଡ଼ିକର ଅଗ୍ରଗତି ବିଷୟରେ ସୂଚିତ ହୋଇ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି।

"ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା" ରେ ପ୍ରତି ଗାଁ, ପଞ୍ଚାୟତ, ବ୍ଲକରେ ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ପାଇଁ ଗାଁକୁ ଭଲ ରାସ୍ତା, ଗାଁ ପୋଖରୀର ପୁନରୁଦ୍ଧାର, ପୋଖରୀ ତୁଠର ନବୀକରଣ, ଭାଗବତ ଟୁଙ୍ଗୀ, ବିଦ୍ୟାଳୟ ସମ୍ପ୍ରସାରଣ, ପ୍ରତି ବ୍ଲକରେ ପାଠାଗାର, ଛୋଟ ପର୍ଯ୍ୟଟନସ୍ଥଳୀର ଉନ୍ନତୀକରଣ, ପିଲାଙ୍କ ଖେଳକୁଦ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ରାଜ୍ୟର ସମୃଦ୍ଧିକୁ ବହୁଗୁଣିତ କରିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ। ବୈଠକରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗିରୀଶ ଏସ୍ଏନ୍ ବିଭାଗର ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ଅଗ୍ରଗତି ସମ୍ବନ୍ଧରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ।ଏହି ଅବସରରେ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ, ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଓର୍ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ଼, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ଼ ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀଗଣ ମନ୍ତ୍ରୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚିତ କରିଥଲେ। ଆଭାଷୀ ମାଧ୍ୟମ ଦ୍ୱାରା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

# ଅନ୍ତଃବିଭାଗୀୟ ସମନ୍ୱୟ ଓ ଜନସଚେତନତାକୁ ବ୍ୟାପକ କରିବାକୁ ଗୁରୁତ୍ୱ




ଭୁବନେଶ୍ୱର,୩।୬ (ମହାଭାରତ): ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ (ଏନଟିସିପି) ଅଧୀନରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ବିଶ୍ୱ ତମାଖୁ ନିଷେଧ ଦିବସ-୨୦୨୫ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଅଶ୍ୱତୀ ଏସ ଅଧ୍ୟକ୍ଷତା କରି ତମାଖୁ ବ୍ୟବହାରକୁ ରୋକିବା ପାଇଁ ଅନ୍ତଃବିଭାଗୀୟ ସମନ୍ୱୟ ଏବଂ ଜନସଚେତନତାକୁ ଆହୁରି ବ୍ୟାପକ କରିବାର ଆବଶ୍ୟକତା ରହିଛି ବୋଲି ମତପୋଷଣ କରିଥିଲେ।

ଏହି ଅବସରରେ ଏକ ସ୍ୱାକ୍ଷର ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ସଚେତନ ନାଗରିକମାନଙ୍କ ସମର୍ଥନକୁ ଏକତ୍ରିତ କରାଇ ଏକ ତମାଖୁ ମୁକ୍ତ ଓଡ଼ିଶା ଗଠନ ପାଇଁ ଜନସାଧାରଣଙ୍କ ସଂକଳ୍ପକୁ ମଜବୁତ କରିବ। ଏହା ସହ ଯୁବପିଢ଼ି ଏବଂ ଦୁର୍ବଳ ମାନସିକତାର ଲୋକଙ୍କ ମଧ୍ୟରେ ଜନସଚେତନତା ବୃଦ୍ଧି କରିବା ପାଇଁ ନୂତନ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ସାମଗ୍ରୀ ଉନ୍ମୋଚିତ କରାଯାଇଥିଲା। ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ ଅଧୀନରେ ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ୨୦୨୪-୨୫ ପ୍ରକାଶିତ ହୋଇଥିଲା। ବିଗତ ବର୍ଷରେ ହାସଲ ହୋଇଥିବା ପ୍ରବର୍ତ୍ତନ ମାଇଲଖୁଣ୍ଟର ଅଗ୍ରଗତି, ଜିଲ୍ଲା ଗୁଡିକର ସାମ୍ପ୍ରତିକ ସ୍ଥିତି ଏହି ରିପୋର୍ଟରେ ସ୍ଥାନିତ ହୋଇଛି। ତମାଖୁ ମୁକ୍ତ ଶିକ୍ଷା ଅନୁଷ୍ଠାନ ପରିଚାଳନା ନିମନ୍ତେ ଆପ୍ଲିକେସନ ଆପ୍: ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ପାଇଁ ଏକ ୱେବ-ଆଧାରିତ ଆପ୍ଲିକେସନର ଉନ୍ମୋଚନ କରାଯାଇଥିଲା, ଯାହା ସ୍କୁଲ ଏବଂ କଲେଜଗୁଡ଼ିକୁ ସ୍ୱକୀୟ-ମୂଲ୍ୟାୟନ, ରିପୋର୍ଟିଂ ଏବଂ ଜାତୀୟ ନିର୍ଦ୍ଦେଶାବଳୀ ଅନୁପାଳନକୁ ଅଧିକ କ୍ରିୟାଶୀଳ କରିବାକୁ ସକ୍ଷମ ହେବ। ଜାତୀୟ ତମାଖୁ ନିଷେଧ କାର୍ଯ୍ୟକ୍ରମ ଅଧୀନରେ ଉତ୍କୃଷ୍ଟ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ, ଜିଲ୍ଲାଗୁଡ଼ିକୁ ସମ୍ମାନିତ କରାଯାଇଛି। ଗଞ୍ଜାମ - ଏନଟିସିପିର ସାମଗ୍ରିକ କାର୍ଯ୍ୟାନ୍ୱୟନ, ସୁନ୍ଦରଗଡ଼ - ତମାଖୁ ନିୟନ୍ତ୍ରଣ ଆଇନ ପ୍ରବର୍ତ୍ତନରେ ଉତ୍କର୍ଷତା, କଟକ - ଏନଟିସିପି ଅଧୀନରେ ଦକ୍ଷ ଆର୍ଥିକ ପରିଚାଳନା।

ଏହା ବ୍ୟତୀତ, ପାଞ୍ଚଟି ପ୍ରମୁଖ ବିଭାଗକୁ ସେମାନଙ୍କର ଉଦାହରଣାତ୍ମକ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ସ୍କୁଲ ଏବଂ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଅବକାରୀ ବିଭାଗ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଓ ଗୃହ ବିଭାଗ। ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା, ସ୍ୱତନ୍ତ୍ର ସଚିବ (ଜନସ୍ୱାସ୍ଥ୍ୟ), ରାଜ୍ୟ ଶିକ୍ଷା ଓ ତାଲିମ ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ତମାଖୁ ଖାଇବାର କାରଣ ଓ ତାହାର ନିରାକରଣ ଏବଂ କିପରି ତମାଖୁ ମୁକ୍ତ ପିଢ଼ି ସୃଷ୍ଟି କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ।

# ବେଦାନ୍ତ ଆଇରନ ଓର ଓଡ଼ିଶା ପକ୍ଷରୁ ତମାଖୁ ମୁକ୍ତ ଦିବସ

ଭୁବନେଶ୍ୱର,୩।୬ (ମହାଭାରତ): ପ୍ରୋଜେକ୍ଟ ଆରୋଗ୍ୟର ଏକ ଅଂଶ ଭାବରେ, ବେଦାନ୍ତ ଆଇରନ ଓର ଓଡ଼ିଶା (ଆଇଓଓ) ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ନିରନ୍ତର ଧ୍ୟାନ ଦେଇ ବିଶ୍ୱ ତମାଖୁ ମୁକ୍ତ ଦିବସ ୨୦୨୫ ପାଳନ କରି ସ୍ଥିର ଏବଂ ସୁସ୍ଥ ସଂପ୍ରଦାୟ ଗଠନ ପ୍ରତି ଏହାର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ କରିଛି। ଏହି ବର୍ଷର ବିଷୟବସ୍ତୁ, ତମାଖୁ ଶିଳ୍ପ ହସ୍ତକ୍ଷେପରୁ ପିଲାମାନଙ୍କୁ ସୁରକ୍ଷା ଦେବା ସହିତ, କଂପାନୀ ନିଜର କାର୍ଯ୍ୟକ୍ଷମ କ୍ଷେତ୍ରରେ ପ୍ରଭାବଶାଳୀ ସଚେତନତା ଅଧିବେଶନ ଆୟୋଜନ କରି ରେଙ୍ଗାଲବେଡାରେ ଗୋଷ୍ଠୀ ସଦସ୍ୟଙ୍କ ନିକଟରେ ପହଂଚିଥିଲା।

ରେଙ୍ଗାଲବେଡା ଇନ୍ଦିରା କଲୋନୀ ଏବଂ ଫି ଗ୍ରେଡ୍ ମାଇନ୍ସ ଅଂଚଳରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ନାଡ଼ିଡ଼ିହି, ନୂଆଗାଁ ଏବଂ କୋଇରା ନିକଟସ୍ଥ ଗ୍ରାମରୁ ଶ୍ରମିକ ଏବଂ ବ୍ୟବସାୟିକ ଅଂଶୀଦାରମାନେ ଗୋଷ୍ଠୀ ସଦସ୍ୟଙ୍କ ସହିତ ଏହି ପଦକ୍ଷେପରେ ଅଂଶଗ୍ରହଣ କରିଥିଲେ। ସଚେତନତା ଅଧିବେଶନଗୁଡ଼ିକରେ ମୋବାଇଲ୍ ହେଲଥ ୟୁନିଟ୍ (ଏମଏଚୟୁ) ଦଳ ଦ୍ୱାରା ଏକ ଆକର୍ଷଣୀୟ ସ୍କିଟ୍ ପ୍ରଦର୍ଶିତ ହୋଇଥିଲା, ଯାହା ତମାଖୁ ନିଶାର ଦୀର୍ଘକାଳୀନ ଶାରୀରିକ ଏବଂ ଭାବପ୍ରବଣ ପ୍ରଭାବକୁ ସୃଜନଶୀଳ ଭାବରେ ଦର୍ଶାଉଥିଲା। ସଂପର୍କିତ କାହାଣୀ ଏବଂ ବାସ୍ତବ ଜୀବନ ପରିସ୍ଥିତି ମାଧ୍ୟମରେ, ପ୍ରଦର୍ଶନର ଲକ୍ଷ୍ୟ ସଚେତନତା ବୃଦ୍ଧି କରିବା ଏବଂ ବୟସ ଗୋଷ୍ଠୀଙ୍କ ମଧ୍ୟରେ ଆଚରଣଗତ ପରିବର୍ତନ ଆଣିବା ଥିଲା।

ଏହି ଅବସରରେ ବେଦାନ୍ତ ଆଇରନ ଓର ଓଡ଼ିଶାର ସିଇଓ ଅଜିତ ପାତ୍ର କହିଲେ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଆମର ଆଭିମୁଖ୍ୟ ସାମାଜିକ ପ୍ରଗତି ପାଇଁ ଏକ ଗଭୀର ଦୃଷ୍ଟିକୋଣରେ ନିହିତ। ବେଦାନ୍ତ ବିଶ୍ୱାସ କରେ ଯେ, ସୁସ୍ଥ ଗୋଷ୍ଠୀଗୁଡ଼ିକ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ ସ୍ଥାପନ କରନ୍ତି। ଏହା ବିଶ୍ୱ ତମାଖୁ ନିଷେଧକ ଦିବସ ପରି ପ୍ରତିରୋଧକ ସଚେତନତା ଅଭିଯାନ ମାଧ୍ୟମରେ ହେଉ କିମ୍ବା ଆମର ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ନିୟମିତ ହସ୍ତକ୍ଷେପ ମାଧ୍ୟମରେ ହେଉ, ପ୍ରୋଜେକ୍ଟ ଆରୋଗ୍ୟ ଅନ୍ତର୍ଗତ ଆମର ପ୍ରୟାସ ଦୀର୍ଘକାଳୀନ, ରୂପାନ୍ତରକାରୀ ପରିବର୍ତନ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଆମେ କେବଳ ସ୍ୱାସ୍ଥ୍ୟ ଚିନ୍ତାଧାରାକୁ ସମ୍ବୋଧିତ କରୁନାହୁଁ। ଆମେ ସୂଚିତ, ସଶକ୍ତ ଏବଂ ସମୃଦ୍ଧ ସଂପ୍ରଦାୟଗୁଡ଼ିକୁ ସକ୍ଷମ କରୁଛୁ।

# ଟୟୋଟା ୪୮ ଭୋଲ୍ଟ ଭାରିଆଂଟ ଲଂଚ

ଭୁବନେଶ୍ୱର,୩।୬ (ମହାଭାରତ): ଟୋୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଏକ ନୂତନ ନିଓ ଡ୍ରାଇଭ ଅବତାର ଗ୍ରେଡରେ ଫର୍ଚୁନର ଏବଂ ଲେଜେଣ୍ଡରର ପରିଚୟ ଘୋଷଣା କରିଛି। ଏକ ଉନ୍ନତ ୪୮ ଭୋଲ୍ଟ ସିଷ୍ଟମ ସହିତ ସଜ୍ଜିତ, ନୂତନ ନିଓ ଡ୍ରାଇଭ ଭାରିଆଂଟ ଉନ୍ନତ ଇନ୍ଧନ ଦକ୍ଷତା, ଉନ୍ନତ ଡ୍ରାଇଭିଂ କାର୍ଯ୍ୟଦକ୍ଷତା ଏବଂ ଅଧିକ ଆରାମ ପ୍ରଦାନ କରିବ। ସହରାଂଚଳ ସେଟିଂସ୍ ଏବଂ ଅଫ୍-ରୋଡ୍ ପରିସ୍ଥିତିରେ ଅଧିକ ଅଭିଜ୍ଞତା ପ୍ରଦାନ କରିବ।

୨୦୦୯ରେ ଏହାର ଡେବ୍ୟୁ ପରଠାରୁ, ଟୟୋଟା ଫର୍ଚୁନର ପ୍ରିମିୟମ୍ ଏସୟୁଭି ସେଗମେଂଟରେ ମାନଦଣ୍ଡ ସ୍ଥାପନ କରିଛି, ଏହାର ବୋଲ୍ଡ ଡିଜାଇନ୍, ଭୟଙ୍କର ପ୍ରଦର୍ଶନ ଏବଂ ଅତୁଳନୀୟ ସମସ୍ତ ଭୂଖଣ୍ଡ କ୍ଷମତା ପାଇଁ ପ୍ରସିଦ୍ଧ। ବର୍ଷ ବର୍ଷ ଧରି, ଏସୟୁଭି ସହରାଂଚଳ ଦୁଃସାହସିକଙ୍କଠାରୁ ଆରମ୍ଭ କରି ହାର୍ଡକୋର ଅଫ୍-ରୋଡ୍ ପର୍ଯ୍ୟନ୍ତ ଏକ ଦୃଢ଼ ଏବଂ ବିଶ୍ୱସ୍ତ ଗ୍ରାହକ ସୃଷ୍ଟି କରିଛି। ଏହାର ଷ୍ଟାଇଲିସ୍ ଏବଂ ବୈଶିଷ୍ଟ୍ୟ-ଉନ୍ନତ ପ୍ରତିପକ୍ଷ, ଲେଜେଣ୍ଡର ସହିତ, ଫର୍ଚୁନର ଟୟୋଟାର ଗୁଣବତା, ସ୍ଥାୟୀତ୍ୱ, ନିର୍ଭରଯୋଗ୍ୟତା ଏବଂ ଗ୍ରାହକ-କେନ୍ଦ୍ରିକ ନବସୃଜନ ଉପରେ ନିରନ୍ତର ଧ୍ୟାନର ମୂଳ ମୂଲ୍ୟଗୁଡ଼ିକୁ ମୂର୍ତ୍ତମନ୍ତ କରିଥାଏ।

ଏହି ଅବସରରେ ଫର୍ଚୁନର ଏବଂ ଲେଜେଣ୍ଡର ନିଓ ଡ୍ରାଇଭ ୪୮ ଭୋଲ୍ଟ ଭାରିଆଂଟର ବିଷୟରେ ଟୋୟୋଟା କିର୍ଲୋସ୍କର ମୋଟରର ବିକ୍ରୟ-ସେବା-ବ୍ୟବହୃତ ବ୍ୟବସାୟର ଉପସଭାପତି ଭାରିନ୍ଦର ?ାଧ ?। କହିଲେ, ଭାରତରେ ଏସୟୁଭି ବଜାର ନିରନ୍ତର ବୃଦ୍ଧି ପାଉଥିବାରୁ, ଗ୍ରାହକମାନେ ଉନ୍ନତ ବୈଶିଷ୍ଟ୍ୟ ଏବଂ ଭିନ୍ନ ଷ୍ଟାଇଲିଂ ଖୋଜୁଛନ୍ତି, ଫର୍ଚୁନର ଏବଂ ଲେଜେଣ୍ଡର ଉଭୟ ସେମାନଙ୍କର ବୋଲ୍ଡ ଡିଜାଇନ୍, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ବ୍ୟାପକ ବୈଶିଷ୍ଟ୍ୟ ସହିତ ଏହି ଆଶାଗୁଡ଼ିକୁ ପୂରଣ କରିବାକୁ ସକ୍ଷମ।

# ବିବାହ ଋତୁ ପାଇଁ 'ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ'

ଭୁବନେଶ୍ୱର,୩।୬ (ମହାଭାରତ): ଗ୍ରୀଷ୍ମକାଳୀନ ବିବାହ ଋତୁ ଚରମ ସୀମାରେ ପହଂଚୁଥିବା ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡ୍ ର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିସନ୍'ର ଉନ୍ମୋଚନ କରାଯାଇଛି। ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ୱଚ୍ଛତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି ପ୍ଲାଟିନମ୍ ବ୍ୟାଣ୍ଡଗୁଡିକ ପ୍ରତୀକ ଠାରୁ ଅଧିକ - ସେମାନେ ପ୍ରତିଶ୍ରୁତି ଅଟନ୍ତି। ୯୫% ଶୁଦ୍ଧ ପ୍ଲାଟିନମ୍ରେ ନିର୍ମିତ - ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପ୍ରେମର ଭାବନାକୁ ପ୍ରତିଫଳିତ କରେ ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରେ । ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତ୍ତରେ, ଏହି ବ୍ୟାଣ୍ଡଗୁଡିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି - ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗିଦାରୀର ପ୍ରତୀକ ଯାହା ପ୍ରକୃତରେ ବିରଳ । ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର।

# କ୍ରମ୍ପଟନ୍ ପକ୍ଷରୁ ଇଂଟେରିୟର ଦିବସ

ଭୁବନେଶ୍ୱର,୩।୬ (ମହାଭାରତ): ବିଶ୍ୱ ଇଂଟେରିୟର ଦିବସ ଅବସରରେ, ଭାରତର ନମ୍ବର ୧ ଫ୍ୟାନ୍ ବ୍ରାଣ୍ଡ, କ୍ରମ୍ପଟନ୍ ଗ୍ରିଭ୍ସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ୍, ସାଇଲେଂଟ ପ୍ରୋ ଫ୍ଲୁଇଡୋ ୱେଭ୍ ଶୁଭାରମ୍ଭ କରିଛି - ଏହାର ନୂତନ ଉଦ୍ଭାବନ ଯାହା ଭବିଷ୍ୟତ ଉପଯୋଗୀ ଡିଜାଇନ୍ ସହିତ ଉଚ୍ଚ କାର୍ଯ୍ୟଦକ୍ଷତାକୁ ମିଶ୍ରଣ କରେ। ଏହି ଶୁଭାରମ୍ଭ ସହିତ, କ୍ରମ୍ପଟନ୍ ସିଲିଂ ଫ୍ୟାନ ଏକ ନୂତନ ଯୁଗକୁ ଚିହ୍ନିତ କରିଛି ଯେଉଁଠାରେ ଫର୍ମ କାର୍ଯ୍ୟଦକ୍ଷତା ସହିତ ମେଳ ଖାଏ, ଏବଂ ଡିଜାଇନ୍ କାର୍ଯ୍ୟଦକ୍ଷତା ସହିତ ସମନ୍ୱିତ ହୁଏ।କ୍ରମ୍ପଟନ୍ ଏକ କାର୍ଯ୍ୟକ୍ଷମ ଉତ୍ପାଦକୁ କାରିଗରୀ କୌଶଳ ସହିତ ପ୍ରସ୍ତୁତ କରିଛି। ଏହାକୁ ଏକ ଡିଜାଇନ୍ ମାଷ୍ଟରପିସରେ ପରିଣତ କରି ଘର ଡିଜାଇନ୍ ପାଇଁ ଆବଶ୍ୟକୀୟ ଜିନିଷଗୁଡ଼ିକୁ ପୁନଃପରିଭାଷିତ କରୁଛି।

ଆଜିର ଗ୍ରାହକମାନେ ସେମାନଙ୍କ ବ୍ୟକ୍ତିଗତ ଷ୍ଟାଇଲକୁ ପ୍ରତିଫଳିତ କରୁଥିବା ଘର ଡିଜାଇନ୍ କରିବାରେ ଗଭୀର ଭାବରେ ନିବେଶ କରିବାକୁ ଚାହାଁନ୍ତି, ପ୍ରାୟତଃ ସର୍ବନିମ୍ନ ଏବଂ ସମସାମୟିକ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି। ସେମାନେ ଏକ ସମନ୍ୱିତ ଏବଂ ଦୃଶ୍ୟମାନ ଆନନ୍ଦଦାୟକ ସ୍ଥାନ ବଜାୟ ରଖିବା ପାଇଁ ସାଜସଜ୍ଜାର ପ୍ରତ୍ୟେକ ଉପାଦାନକୁ ସଂଗ୍ରହ କରନ୍ତି। ତଥାପି, ଅଧିକାଂଶ ସିଲିଂ ଫ୍ୟାନ୍ ଆଧୁନିକ ଇଂଟେରିୟରକୁସମ୍ପୂର୍ଣ୍ଣ କରିବାରେ ବିଫଳ ହୋଇ କେବଳ କାର୍ଯ୍ୟକ୍ଷମ ଆଡ-ଅନ୍ ଭାବରେ କାର୍ଯ୍ୟ କରିଆସୁଛନ୍ତି। ଗ୍ରାହକମାନେ ବର୍ଦ୍ଧିତ ଭାବରେ ଏପରି ଫ୍ୟାନ୍ ଖୋଜୁଛନ୍ତି ଯାହା ସେମାନଙ୍କର ସାଜସଜ୍ଜା ସହିତ ନିର୍ବିଘ୍ନରେ ସମନ୍ୱିତ ହୋଇ ଦୃଢ଼ କାର୍ଯ୍ୟଦକ୍ଷତା ପ୍ରଦାନ କରେ - ସ୍ଥାନକୁ ବାଧା ଦେବା ପରିବର୍ତ୍ତେ ସୌନ୍ଦର୍ଯ୍ୟ ବୃଦ୍ଧି କରେ। ଆଶାରେ ଏହି ପରିବର୍ତନ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା ଫ୍ୟାନ୍ ପାଇଁ ଏକ ଚାହିଦା ସୃଷ୍ଟି କରିଛି ଯାହା ବିକଶିତ ଆବଶ୍ୟକତା ସହିତ ସମନ୍ୱିତ ହୁଏ ଏବଂ ଘରର ପ୍ରତ୍ୟେକ ଦିଗରେ ସୌନ୍ଦର୍ଯ୍ୟର ବର୍ଦ୍ଧିତ ଗୁରୁତ୍ୱକୁ ପ୍ରତିଫଳିତ କରେ।

# ଜୟପ୍ରଦୀପ ବାସୁଦେବନ ଦୁଇ ଚକିଆ ବିଜିନେସର ସଭାପତି

ଭୁବନେଶ୍ୱର,୩।୬ (ମହାଭାରତ): କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାୱାର ସଲ୍ୟୁସନ ଲିମିଟେଡ଼, ଯାହାକି ଭାରତର ଅଗ୍ରଣୀ ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚକିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚକିଆ ଯାନ (ଇଥ୍ରିଡ଼ବ୍ଲୁ) ର ନିର୍ମାଣକାରୀ ପ୍ରତିଷ୍ଠାନ, ଅତି ଉତ୍ସୁକତାର ସହିତ ସୁଧାଂଶୁ ଅଗ୍ରୱାଲଙ୍କୁ ଏହାର ବୈଦ୍ୟୁତିକ ଦୁଇଚକିଆ ଯାନ ବ୍ୟବସାୟର ସଭାପତି ଭାବରେ ନିଯୁକ୍ତି ପ୍ରଦାନ କରିଛନ୍ତି। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ଏକ ବିସ୍ତୃତ ଅଭିଜ୍ଞତାକୁ ନେଇ ଅଟୋମୋବାଇଲସ ଶିଳ୍ପ ଅଧିନରେ ଜୟପ୍ରଦୀପ ଯେଉଁ ଭରପୁର ଅଭିଜ୍ଞତା ସାଉଁଟି ପାରିଛନ୍ତି ସେଗୁଡ଼ିକ ହେଲା - ରଣକୌଶଳର ନେତୃତ୍ୱ, ବ୍ୟବସାୟୀକ ବିକାଶ, ଆନୁଷ୍ଠାନିକ ବିକାଶ ତଥା ଅଟୋମୋଟିଭ ଓଇଏମ ଏବଂ ଏହାର ଭୂମିକାର ବିସ୍ତାରିତ ପରିଦ୍ଧିକୁ ନେଇ ବ୍ୟବସାୟୀକ ଚଳମାନ ଇତ୍ୟାଦି। ଜୟପ୍ରଦୀପ ଯେକି ଶିଳ୍ପ ଜଗତରେ "ଜେପି" ଭାବରେ ଲୋକପ୍ରିୟ ଅଟନ୍ତି କାଇନେଟିକ୍ ଗ୍ରୀନର ପରିଚାଳନା କମିଟିରେ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛନ୍ତି ଯେତେବେଳେକି ଏହି କମ୍ପାନୀ ନିଜର ଦୁଇଚକିଆ ଯାନର ପୁନର୍ବାର ବର୍ଦ୍ଧିକରଣ ନିମନ୍ତେ ଯୋଜନା କରୁଅଛି। ଚଳମାନ ବଜାରର ବିଭିନ୍ନ ପ୍ରକାରର ରଣକୌଶଳକୁ ଅକ୍ତିଆର କରି ଆଗାମୀ ଦିନର ବୈଦ୍ୟୁତିକ ଦୁଇଚକିଆ ଯାନକୁ ଆହୁରି ଅଧିକ ଲୋକଭିମୁଖୀ କରିବା ସହିତ ଅନ୍ୟ ଯେଉଁ ଦିଗ ଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିପାରିବେ ସେଥି ମଧ୍ୟରେ ରହିଛି ଉନ୍ନତ ଜ୍ଞାନକୌଶଳ ଜନିତ କ୍ଷମତାଶାଳୀ ବୈଦ୍ୟୁତିକ ସ୍କୁଟରର ଶୁଭାରମ୍ଭ ଯାହାକି ଚଳିତ ବର୍ଷର ପରବର୍ତି ଦିନରେ କାଇନେଟିକ୍ ଗ୍ରୀନର ଇ-ଲୁନା ତଥା ଏହାର ଅନ୍ୟାନ୍ୟ ରହିଥିବା ଦୁଇଚକିଆ ଉତ୍ପାଦନର ଆହୁରି ଅଧିକ ବିକ୍ରୟକୁ ବୃଦ୍ଧି କରିପାରିବ।



ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ






## ଜନସଂଖ୍ୟା ନିୟନ୍ତ୍ରିତ

୨୦୨୫ରେ ଭାରତର ଜିଡିପି ୪.୧୮ ଟ୍ରିଲିୟନ ଡଲାର ରହିବ ବୋଲି ଆଇଏମଏଫ ଆକଳନ କରିଛି। ଜାପାନ ଏହାଠାରୁ ସାମାନ୍ୟ ପଛରେ ପଡ଼ିଛି। ପୂର୍ବରୁ ଭାରତ ବ୍ରିଟେନକୁ ପଛରେ ପକାଇ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିଲା। କହିବା ବାହୁଲ୍ୟ ଯେ, ୨୦୧୪ରେ ଭାରତ ୧୧ତମ ସ୍ଥାନରେ ଥିଲା। ମାତ୍ର ୧୧ ବର୍ଷ ଭିତରେ ଏହା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ଲକ୍ଷ୍ୟ ହେଲା ୨୦୩୦ ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତି ହେବା। ଏହା ଦ୍ୱାରା ଭାରତ ଜର୍ମାନକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିପାରିବ। ଆମେରିକା ଓ ଚୀନ ଏହି ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେମାନଙ୍କ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ଭାରତର ଜିଡିପି ୪ ଟ୍ରିଲିୟନ ଡଲାର ଥିବା ବେଳେ ଆମେରିକା ପାଖାପାଖି ୩୦ ଟ୍ରିଲିୟନ ଡଲାର ରହିଛି। ଚୀନର ଅର୍ଥନୀତି ପାଖାପାଖି ୨୦ ଟ୍ରିଲିୟନ ଡଲାର ରହିଛି। ଏହାକୁ ବିଚାର କଲେ ଭାରତ ନିକଟ ଭବିଷ୍ୟତରେ ଆମେରିକା ଏବଂ ଚୀନର ନିକଟତର ହେବା ମଧ୍ୟ ସମ୍ଭାବନା ନାହିଁ। ଯଦି ୨୦୪୭ ସୁଦ୍ଧା ଭାରତ ୨୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଯିବ ସେତେବେଳକୁ ଚୀନ ୪୦ରେ ପହଞ୍ଚାଯାଇଥିବ। ଏବେ ଜାପାନ ଭାରତଠାରୁ ସାମାନ୍ୟ ପଛରେ ପଡ଼ିଛି, ଜର୍ମାନୀ ସାମାନ୍ୟ ଆଗରେ ରହିଛି। ଏଥିରେ ପରିବର୍ତ୍ତନ ମଧ୍ୟ ହୋଇପାରେ। ଆଗକୁ ଜାପାନ ଭାରତକୁ ପୁନର୍ବାର ଅତିକ୍ରମ କରିବା ଅସମ୍ଭବ ନୁହେଁ। ଜର୍ମାନୀ ମଧ୍ୟ ଭାରତଠାରୁ ଆହୁରି ଆଗକୁ ବଢ଼ିଯାଇପାରେ। ମୋଟ ଉପରେ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ସହିତ ଭାରତର ଅର୍ଥନୀତି ପାଖାପାଖି ରହିଛି। କିନ୍ତୁ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ବିକଶିତ ରାଷ୍ଟ୍ର ହୋଇଥିବା ବେଳେ ଭାରତ ବିକାଶମୁଖୀ ରାଷ୍ଟ୍ର। କାରଣ ଭାରତର ଜନସଂଖ୍ୟା ଏମାନଙ୍କ ତୁଳନାରେ ବହୁ ଅଧିକ। ତେଣୁ ଭାରତର ମୁଣ୍ଡପିଛା ଆୟ ବା ଜିଡିପି ବହୁ କମ। ମୁଣ୍ଡ ପିଛା ଆୟ ହିସାବରେ ଭାରତ ବହୁ ପଛରେ ପଡ଼ିଛି। ୟୁରୋପର ଅନେକ ଛୋଟ ଛୋଟ ଦେଶ ତାଲିକାର ଅନେକ ଆଗରେ ରହିଛନ୍ତି। ଭାରତ ତୁଳନାରେ ଜାପାନ ଏବଂ କୋରିଆ ଅଧିକ ଉନ୍ନତ ଏବଂ ସଶକ୍ତ। ଚୀନ କଥା ଛାଡ଼। ହଂକଂ, ସିଙ୍ଗାପୁର ଭଳି ଅନେକ ଛୋଟ ଛୋଟ ଦେଶ ଭାରତଠାରୁ ବହୁ ଆଗରେ। ମାଲେସିଆ ମଧ୍ୟ ଭାରତ ତୁଳନାରେ ବହୁ ଆଗରେ। ଅଷ୍ଟ୍ରେଲିଆର ଜିଡିପି ଭାରତ ତୁଳନାରେ ଯଥେଷ୍ଟ କମ। କିନ୍ତୁ ଅଷ୍ଟ୍ରେଲିଆ ଭାରତ ତୁଳନାରେ ଏକ ସମୃଦ୍ଧ ରାଷ୍ଟ୍ର। ୟୁରୋପର ଅନେକ ଛୋଟ ଦେଶ ଯଥା ସ୍ୱିଡେନ, ସୁଇଜରଲାଣ୍ଡ, ଡେନମାର୍କ, ନେଦରଲାଣ୍ଡ, ପର୍ତ୍ତୁଗାଲ , ସ୍ପେନ, ଇଟାଲୀ, ଚେକ ରିପବ୍ଲିକ, ସ୍ଲୋଭାକ, ହଙ୍ଗେରୀ ଆଦି ଭାରତଠାରୁ ଆଗରେ। ତେଣୁ ବିଶ୍ୱ ଅର୍ଥନୀତିରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ବିଷୟ ହୋଇଥିଲେ ମଧ୍ୟ ଦେଶର କୋଟି କୋଟି ଗରିବ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ। କାରଣ ସେମାନେ ବଂଚିବା ପାଇଁ ସଂଘର୍ଷ କରୁଛନ୍ତି। ଏକ ସ୍ୱଚ୍ଛଳ ଏବଂ ସ୍ୱଚ୍ଛନ୍ଦ ଜୀବନ ବିତାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ନାହିଁ। ଭାରତରେ ଅତି ଧନୀ ବା ସୁପର ରିଚଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ଭାରତର ଅତି ଗରିବ ଲୋକଙ୍କ ସଂଖ୍ୟା ମଧ୍ୟ ବହୁ ଅଧିକ, ଯାହା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ତେଣୁ ଭାରତରେ ମୁଣ୍ଡପିଛା ଆୟ ବା ଜିଡିପି ଯଥେଷ୍ଟ କମ। ଯେ ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରିତ ନହୋଇଛି ବା ସ୍ଥିର ନହୋଇଛି ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଏଥିପାଇଁ ଠୋସ ପଦକ୍ଷେପ ନିଆଯିବା ଜରୁରୀ।

## କ୍ୟାନସରରୁ ଆରୋଗ୍ୟ ହୋଇପାରିବେ ପିଲା

**॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

> *“ ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ।*

ଜନ୍ମରୁ ଚଉଦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଠାରେ କ୍ୟାନସରର ଆଶଙ୍କା ଦିନକୁ ଦିନ ବଢୁଛି। ସେହିକ୍ରମରେ ଡାକ୍ତରୀ ବିଜ୍ଞାନ ମଧ ବୃଦ୍ଧି ପାଉଛି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ସୂଚିତ ହୋଇଛି ଯେ ପ୍ରତି ବର୍ଷ ବିଶ୍ୱରେ ୧ଲକ୍ଷ ୫୦ ହଜାର କ୍ୟାନସର ପୀଡ଼ିତ ପିଲାଙ୍କ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୮୦ ପ୍ରତିଶତ ପିଲା ଚିକିତ୍ସା ଦ୍ୱାରା ସୁସ୍ଥ ଜୀବନଯାପନ କରିପାରୁଛନ୍ତି। ତେବେ ଆର୍ଥିକ ଅନଗ୍ରସର ପିଲା ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୁଅନ୍ତି ଯାହାଦ୍ୱାରା ପାଖାପାଖି ୯୦ ପ୍ରତିଶତରୁ ଅଧିକ ପିଲା ମୃତ୍ୟୁମୁଖରେ ପଡ଼ନ୍ତି। ଭାରତରେ ପ୍ରତିବର୍ଷ ୫୦ ହଜାର ନୂଆ କ୍ୟାନସର ଶିଶୁରୋଗୀ ଚିହ୍ନଟ ହେଉଛନ୍ତି। ଏମାନେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ହୋଇଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପ୍ରତ୍ୟେକ କ୍ୟାନସର ପୀଡ଼ିତ ଶିଶୁ ଓ ବୟସ୍କଙ୍କୁ ସର୍ବୋତ୍ତମ ଓ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛି। କ୍ୟାନସର ଚିକିତ୍ସା ଓ ସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ୧୫ ଫେବୃଆରୀ ତାରିଖରେ ପିଲାଙ୍କ ପାଇଁ ଆନ୍ତର୍ଜାତିକ ଚାଇଲ୍ଡ ହୁଡ୍ କ୍ୟାନସର ଦିବସ ପାଳିତ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ସହ କେତେକ ସାମାଜିକ ଓ ସେବାଭିମୁଖୀ ସଂଗଠନର ମିଳିତ ସହଯୋଗରେ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା, ଉତ୍ତମ ଚିକିତ୍ସା ଯୋଗାଇବା ଓ ପିଲାଙ୍କ ସହିତ ତାଙ୍କ ପରିବାରକୁ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବାର କାର୍ଯ୍ୟକ୍ରମର ସାମିଲ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ବର୍ଷକୁ ବର୍ଷ ପିଲାଙ୍କ ଠାରେ କ୍ୟାନସରର ସମସ୍ୟା ବଢ଼ିବାରେ ଲାଗିଛି। ଯାହାପାଇଁ ସଚେତନତା ନିହାତି ଜରୁରୀ। ପ୍ରାଥମିକ ଚିକିତ୍ସାରୁ ପିଲାଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଅନ୍ୟ ମାନଙ୍କପରି ସାଧାରଣ ଜୀବନ ଯାପନ କରିପାରିବ।

ସାଧାରଣରେ ପିଲାଙ୍କ ଠାରେ ଦେଖା ଦେଉଥିବା କ୍ୟାନସର ଗୁଡ଼ିକ ଭିତରେ ଯେଉଁ ପ୍ରକାର ଭେଦ ରହିଛି ତାହା ଆସନ୍ତୁ ଜାଣିବା। ଅଧିକ ଭାବରେ ପିଲା ବ୍ଲଡ଼ କ୍ୟାନସରରେ ଶିକାର ହୋଇଥାନ୍ତି ଯାହାକି ହ୍ୱାଇଟ ରକ୍ତଶ୍ୱେତକୁ ପ୍ରଭାବିତ କରିବା ସହ ଶରୀରର ବିଭିନ୍ନ ସୁସ୍ଥ କୋଷକୁ ଆକ୍ରାନ୍ତ କରିଥାଏ। ଅନ୍ୟ କୌଣସି ବଡ଼ ରୋଗ ହୋଇଥିବା ସମୟରେ ସଂକ୍ରମଣ ହେଲେ ଏହା ରୋକ ପ୍ରତିରୋଧକ ଶକ୍ତି ଦୁର୍ବଳ ହେବାରୁ ଏହି କ୍ୟାନସର ହୋଇଥାଏ। ଏହାକୁ ଆକ୍ୟୁଟ ଲ୍ୟୁକେମିଆ ବା ବ୍ଲଡକ୍ୟାନସର କୁହାଯାଏ। ସେହିପରି ଦ୍ୱିତୀୟଟି ହେଉଛି ବ୍ରେନ୍ ଟ୍ୟୁମର। ଏହାଦ୍ୱାରା କ୍ୟାନସର ଜୀବାଣୁ ଅଧିକ ଭାବରେ ସକ୍ରିୟ ହୋଇ ସନ୍ନିକଟ କୋଷକୁ ପ୍ରଭାବିତ କରି ପିଲାଟିର ଜୀବନ ପ୍ରତି ସଂକଟ ସୃଷ୍ଟି କରିଥାଏ। ବୟସ୍କଙ୍କ ତୁଳନାରେ ଅଧିକ ଦେଖାଦେଉଥିବା କ୍ୟାନସର ହେଉଛି କିଡ଼ନୀ କ୍ୟାନସର। ତେବେ ଏହା ଖୁବ୍ କମ୍ ଭାବରେ ଦେଖାଯାଏ। ସେହିପରି ଛୋଟ ପିଲା ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାର ବୟସରେ ଦେଖାଯାଉଥିବା ଆଖିର ଟ୍ୟୁମର ଦ୍ୱାରା ଆଇ ଟ୍ୟୁମର କ୍ୟାନସର ଦେଖାଯାଏ। ଏହା ସହଜରେ ଚିକିତ୍ସା ହୋଇପାରେ। ତେବେ ସଠିକ ସମୟରେ ଚିକିତ୍ସା ନହୋଇପାରିଲେ ପିଲାଟିର ଅନ୍ୟ ସୁସ୍ଥ ଅଙ୍ଗକୁ ବ୍ୟାପି ଯାଏ।

ପିଲାଟି କୌଣସି ରୋଗରେ ଦୀର୍ଘଦିନ ଧରି ଆକ୍ରାନ୍ତ ହେଲେ ସେ ତାର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇଥାଏ। ଯାହାଦ୍ୱାରା ସଂକ୍ରମଣ ହୋଇ ବ୍ଲଡ଼ କ୍ୟାନସରର ଶିକାର ହୋଇଥାଏ। ସେହିପରି ପିଲାଟି କୌଣସି ରୋଗରେ ଅଧିକ ରାଡିଏସନ୍ ନେଇଥିଲେ ଏହି ରୋଗର ଆଶଙ୍କା ଦେଖାଯାଏ। ଏହାବ୍ୟତୀତ ଜେନେଟିକ୍ ମଧ ଅନ୍ୟ ଏକ କାରଣ। ଜନ୍ମ ସମୟରୁ ପିଲାଟି ମା’ଜିନ୍‌ରୁ ଏହି ଜୀବାଣୁ ତା ଦେହରେ ଦେଖାଯାଏ। ପିଲାମାନଙ୍କର କ୍ୟାନସରର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି କୌଣସି କାରଣ ନଥାଇ ମଧ ଦୁଇ ସପ୍ତାହରୁ ଅଧିକ ଦିନ ଅସୁସ୍ଥ ରହିବା। ଶରୀରର କୌଣସି ଅଙ୍ଗରେ ଆବୁପରି ଦେଖାଯିବା। ତାର ଆଖି ଡୋଳାରେ ଧଳା ଚିହ୍ନ ମାଡିଯିବା ଓ ଅସୁସ୍ଥତା ବା ଥକ୍କା ଅନୁଭବ କରିବା। ପିଲାଟିକୁ ଜ୍ୱର ଲାଗିରହିବା ଓ ଉଦ୍‌ବେଗଜନକ ଭାବେ ଓଜନ କମିଯିବା।

ପିଲାମାନଙ୍କୁ କ୍ୟାନସର ସମୟରେ ବିଭିନ୍ନ ପ୍ରକାର ଚିକିତ୍ସା କରାଯାଏ। ସେଥିମଧ୍ୟରୁ ଗୋଟିଏ ହେଉଛି କେମୋ ଥେରାପି। ପିଲାଟିକୁ କେମୋ ଥେରାପିରେ ଆଣ୍ଟିକ୍ୟାନସର ଡ୍ରଗ୍ସ ଦିଆଯାଏ। ଯାହାକି ମାରାତ୍ମକ କ୍ୟାନସର କୋଷକୁ ନଷ୍ଟ କରେ। ମେରୁଦଣ୍ଡରେ କିମ୍ବା ସ୍ନାୟୁରେ ଏହି ଡ୍ରଗ୍ସ ଦିଆଯାଏ। କେତେକ କ୍ଷେତ୍ରରେ ପିଲାଟିର ପାଟିରେ ଏହା ଦିଆଯାଏ। ଏହା ସଠିକ ଭାବେ କାର୍ଯ୍ୟକଲେ ପିଲାଟି ରୋଗମୁକ୍ତର ସମ୍ଭାବନା ରହିଥାଏ। ଏହାର ପାର୍ଶ୍ୱପ୍ରତିକ୍ରିୟାରେ କେତେକ କ୍ଷେତ୍ରରେ ପିଲାର ଚୁଟି ଉପୁଡିଯିବା ସହ ଯନ୍ତ୍ରଣା ପାଇଥାଏ। ବେଳେ ବେଳେ ତାହାର ଖପୁରୀ ସମ୍ବେଦନଶୀଳର ଶିକାର ହୋଇଥାଏ, ରକ୍ତହୀନତା ସହ ରକ୍ତ ଜମାଟ ବାନ୍ଧିଯାଏ ଓ ପରିସ୍ରାନଳୀ ମଧ ତାର ସଂକ୍ରମଣ ଶିକାର ପରି ସମସ୍ୟା ସମ୍ମୁଖୀନ ହୋଇଥାଏ। ତେବେ ଏହା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଇନଥାଏ। ଆଉ ଗୋଟିଏ ଚିକିତ୍ସା ପଦ୍ଧତି ହେଉଛି ରାଡ଼ିଏସନ୍ ଏକ୍ସରେ ମାଧମରେ ଚାପ ଦ୍ୱାରା ପିଲାଟିର ଟ୍ୟୁମରକୁ ଛୋଟ କରି ନଷ୍ଟ କରି ଦିଆଯାଇଥାଏ। ଏହା କେମୋ ଥେରାପି ଓ ଅସ୍ତ୍ରୋପଚାର ପୂର୍ବରୁ ଦିଆଯାଇଥାଏ। ରାଡ଼ିଏସନ୍ ଓ କେମୋ ଥେରାପି ଦ୍ୱାରା ପିଲାଟିର ସୁସ୍ଥ କୋଷ ଉପରେ କୌଣସି ପ୍ରଭାବ ପଡ଼ିନଥାଏ ଏହା କେବଳ କ୍ୟାନସର କୋଷକୁ ନଷ୍ଟ କରେ। ଏହାର ପାର୍ଶ୍ୱପ୍ରତିକ୍ରିୟାର ପ୍ରଭାବ କେମୋଥରାପି ଠାରୁ ବହୁତ କମ୍ ହେଲେ ଏହା ପିଲାର ଫୁସ୍‌ଫୁସ୍‌କୁ ସାମାନ୍ୟ ଭାବେ ଦୁର୍ବଳ କରେ। ସେହିପରି କେତେକ କ୍ଷେତ୍ରରେ ଅସ୍ତ୍ରପଚାର ଦ୍ୱାରା ପିଲାମାନଙ୍କର କ୍ୟାନସର ଚିକିତ୍ସା କରାଯାଏ। ପିଲାମାନଙ୍କ ଠାରେ ରକ୍ତକର୍କଟ ପ୍ରାୟତଃ ଦେଖାଯାଏ। ଏହା ବ୍ୟତୀତ ମସ୍ତିଷ୍କ କର୍କଟ, ଲିମ୍ଫୋମା, ବୃକକ୍‌ର କର୍କଟ, ରେଟିନୋବ୍ଲାଷ୍ଟୋମା ଓ ନ୍ୟୁରୋବ୍ଲାଷ୍ଟୋମା ମଧ ଶିଶୁମାନଙ୍କର ଅନ୍ୟତମ ପ୍ରମୁଖ କର୍କଟ ରୋଗ। ହେଲେ ଏସବୁ ଗୁଡ଼ିକ ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ। ସଠିକ୍ ସମୟରେ ଶିଶୁ ଠାରେ କର୍କଟ ଚିହ୍ନଟ ହେଲେ ଏହା ଚିକିତ୍ସା ଦ୍ୱାରା ଆରୋଗ୍ୟର ସମ୍ଭାବନା ରହିଥାଏ।

ପିଲାମାନଙ୍କ ଠାରେ କ୍ୟାନସର କୋଷ ଅଧିକ ସକ୍ରିୟ ରହିଥାଏ। ହେଲେ ପ୍ରାଥମିକ ଓ ଉପଯୁକ୍ତ ଭାବେ ଚିକିତ୍ସା କରାଗଲେ ପିଲାଟି ଶୀଘ୍ର ରୋଗମୁକ୍ତ ହୋଇଥାଏ। ବଡ଼ମାନଙ୍କ କ୍ଷେତ୍ରରେ କ୍ରୋନିକ୍ ଲ୍ୟୁକିମିଆ ବା ଆସ୍ତେ ଆସ୍ତେ ପ୍ରଭାବ ଦେଖାଯାଉଥିବା ବ୍ଲଡ କ୍ୟାନସର ହେଉଥିବାବେଳେ ପିଲାମାନଙ୍କ ଠାରେ ଏକ୍ୟୁଟ୍ ଲ୍ୟୁକିମିଆ ବା ଅଧିକ ଗତିରେ ପ୍ରଭାବ ବିସ୍ତାର କରୁଥିବା ବ୍ଲଡ଼ କ୍ୟାନସର ହୋଇଥାଏ। ପିଲାମାନଙ୍କର ବ୍ଲଡ଼ କ୍ୟାନସରର ସମ୍ପୂର୍ଣ୍ଣ ଓ ସଫଳ ଚିକିତ୍ସା ପାଇଁ ପାଖାପାଖି ତିନିବର୍ଷ ଲାଗୁଥିବାବେଳେ ପିଲାଟି ଚିକିତ୍ସା ପରେ ବର୍ଷେ ପାଖାପାଖି ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ରହିବାକୁ ପଡ଼ିଥାଏ। ବୟସ୍କଙ୍କ ତୁଳନାରେ ପିଲାମାନଙ୍କ କ୍ୟାନସର ଚିକିତ୍ସାରେ କମ୍ ଖର୍ଚ୍ଚ ପଡ଼ିଥାଏ। ଚିକିତ୍ସା ବେଳେ ଯେପରି ପିଲାଟି ପାର୍ଶ୍ୱପ୍ରତିକ୍ରିୟାର ଶିକାର ନହୁଏ ସେ କ୍ଷେତ୍ରରେ ସତର୍କତା ଜରୁରୀ। ଚିକିତ୍ସା ପରେ ପିଲାଟି ନିଶ୍ଚିନ୍ତ ସାଧାରଣ ଜୀବନଯାପନ କରିଥାଏ। ହେଲେ ସୁସ୍ଥ ହେବାପରେ ଚିକିତ୍ସକଙ୍କ ନିୟମିତ ଓ ଯୋଜନାବଦ୍ଧ ପରାମର୍ଶ ଆବଶ୍ୟକୀୟ। କେତେକ କ୍ଷେତ୍ରରେ ପିଲାଟି ମା’ବାପା କିମ୍ବା ଜିନ୍‌ଗତ ସମସ୍ୟା ପାଇଁ ଏହାର ଶିକାର ହୋଇଥାଏ। ମନେରଖନ୍ତୁ ଭଗବାନଙ୍କ ସୃଷ୍ଟିରେ ପିଲାଟି ଜଣେ ଅମୃତ ଓ ଆଗାମୀ ଭବିଷ୍ୟତର ସ୍ୱର୍ଣ୍ଣିମ ସୃଷ୍ଟି। ସେଥିପାଇଁ ପିଲାଙ୍କୁ ଦେବଶିଶୁ କୁହାଯାଏ। ଭାରତୀୟ ଆଧାତ୍ମିକ ବିଶ୍ୱାସ ରହେ ଯେ, ଭଗବାନଙ୍କର କଲ୍ୟାଣ ପିଲାମାନଙ୍କ ଠାରେ ସର୍ବଦା ରହିଥାଏ। କ୍ୟାନସର କଥା ଶୁଣିବା ମାତ୍ରେ ପିଲାଟିର ବାପାମା ବା ଅଭିଭାବକମାନେ ଅତ୍ୟଧିକ ଭୟଭୀତ ହୋଇଯାଆନ୍ତି ଯାହାଦ୍ୱାରା ପିଲାଟି ମଧ ମାନସିକ ଭାବରେ ଗୁରୁତର ଅଧୈର୍ଯ୍ୟତାର ଶିକାର ହୋଇଥାଏ। ଏ କ୍ଷେତ୍ରରେ ଭଗବାନଙ୍କ ଉପରେ ବିଶ୍ୱାସ ରଖି ତଥା ଚିକିତ୍ସକଙ୍କ ପରାମର୍ଶ ଓ ତତ୍ତ୍ୱାବଧାନକୁ ପାଥେୟ କରି ଭାଙ୍ଗି ପଡ଼ନ୍ତୁନାହିଁ। ପ୍ରାଥମିକ ସମୟରୁ ଚିକିତ୍ସା ଜାରି ରଖନ୍ତୁ। ମନେରଖନ୍ତୁ ସରକାର ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଓ ଯଥାର୍ଥ ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ପ୍ରଦାନ କରି ପିଲାମାନଙ୍କ ଠାରୁ କ୍ୟାନସରକୁ ରୋଗମୁକ୍ତ କରିବାପାଇଁ ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ସରକାରୀ ସୁବିଧାର ସୁଯୋଗ ନିଅନ୍ତୁ, ଧୈର୍ଯ୍ୟହରା ନହୋଇ ପ୍ରାଥମିକ ଅବସ୍ଥାରୁ ଦୃଢ଼ ମାନସିକତାର ସହ ପରିସ୍ଥିତିକୁ ସମ୍ମୁଖୀନ ହୋଇ ପିଲାଟିକୁ ହିଁ ବିଶ୍ୱାସ ଓ ଭରଷା ଦିଅନ୍ତୁ। ଦେଖିବେ ଆପଣଙ୍କ ପିଲାଟି ରୋଗମୁକ୍ତ ହୋଇ କ୍ୟାନସର ବିଜୟୀ ହେବାସହ ନୂଆ ଜୀବନଯାପନ କରିପାରିବ।

**ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**

## ଜୀବନର ପ୍ରବାହ

**॥ ଅନୀତା ପଟ୍ଟନାୟକ ॥**

ଛୋଟ ପିଲା ଦିନେ ଆମ ଘର ଆଗରେ ଗୋଟିଏ ଗଛରେ ଦୁଇଟି ଗୋବରା ଚଢ଼େଇ ରହୁଥିଲେ ଓ ତାଙ୍କ ନୀଡ଼ରେ ଦୁଇଟି ସୁନ୍ଦର ଛୁଆ ଦେଇଥିଲେ। ପକ୍ଷୀ ଦମ୍ପତିଙ୍କର ଫେରିବାର ସମୟ ହେଲେ ଛୁଆ ଚଢ଼େଇ ଗୁଡ଼ିକ ବ୍ୟତିବ୍ୟସ୍ତ ହୋଇ ରାବି ଉଠୁଥିଲେ। ଏହାର ଉଦ୍ଦେଶ୍ୟ ଜାଣିବା ପାଇଁ ମୁଁ ବାପାଙ୍କୁ ପଚାରିବାରୁ ବାପା କହିଲେ ପିଲାଗୁଡ଼ିଙ୍କର ଖାଇବା ସମୟ ହୋଇଯାଇଥିବାରୁ ଚଢ଼େଇ ଦମ୍ପତି ସେମାନଙ୍କର ଥଣ୍ଟରେ ଆଣିଥିବା ଖାଦ୍ୟକୁ ପିଲାମାନଙ୍କୁ ଦେବେ ଓ ସେମାନେ ଶାନ୍ତ ହୋଇ ରହିବେ। ସେ ଦିନ ମୁଁ ଜାଣି ପାରିଲି ଚଢ଼େଇ ଦମ୍ପତି ସକାଳୁ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ସ୍କୁଲ ଯିବା ବୟସ ହେବାରୁ ଦେଖିଲି ମୋର ପିତାମାତା ଖୁବ ବ୍ୟସ୍ତ ହୋଇ ଘରର ସମସ୍ତଙ୍କ ପାଇଁ ରନ୍ଧାରନ୍ଧି କରି ମତେ ସ୍କୁଲରେ ଛାଡ଼ି ଅଫିସକୁ ଯାଉଥିଲେ ଓ ମୋର ଛୁଟି ହେବାପରେ ମତେ ଘରକୁ ଧରି ଫେରୁଥିଲେ। ବେଶ କିଛିଦିନ ଅନୁଧ୍ୟାନ କରି ଜାଣିଲି ଯେ ମୋର ପିତାମାତା ପିଲାଦିନେ ଦେଖିଥିବା ଚଢ଼େଇ ଦମ୍ପତ୍ତିଙ୍କ ପରି ସବୁଦିନ ଖାଦ୍ୟ ଅନ୍ୱେଷଣରେ ଧାଉଁଛନ୍ତି। ଦିନେ ଦେଖିଲି କଳାଜନ୍ଦାମାନେ ଗୋଟିଏ ଧାଡ଼ି ହୋଇ ସମସ୍ତ ଛୋଟବଡ଼ ଜନ୍ଦା ମା’ ରଖିଥିବା ଚିନି ଡବାରୁ ଗୋଟିଏ ଗୋଟିଏ ଚିନିଦାନା ଧରି ଖୁବ ଜୋରରେ ଗୋଟିଏ ଗାତ ଆଡ଼କୁ ଚାଲିଯାଉଛନ୍ତି। ସେ ଦିନ ଜାଣିଲି ଜନ୍ଦା ଓ ପିମ୍ପୁଡ଼ି ମଧ ସବୁଦିନ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଆନ୍ତି। ଆମଘରେ ଥିବା ଗାଈକୁ ବାପା ସକାଳୁ ଖୋଲି ଦିଅନ୍ତି। ସେ ମଧ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଇ ସନ୍ଧ୍ୟାରେ ତାର ବାଛୁରୀ ପାଖକୁ ଫେରିଆସେ। ଦେଖିଲି ସାପ, ମାଙ୍କଡ, ବିଲେଇ, ସମସ୍ତେ ଖାଦ୍ୟ ଅନ୍ୱେଷଣରେ ଦିନସାରା ବ୍ୟସ୍ତ।

ଦିନେ ମୁଁ ରାସ୍ତାରେ ଯାଉଥିବା ସମୟରେ ଦେଖିଲି ଅନେକ ସରକାରୀ, ବେସରକାରୀ ଆଧ୍ୟାତ୍ମିକ ସଂସ୍ଥା ଏକ ବା ବିଭିନ୍ନ ପ୍ରକାରର ସେବାକାର୍ଯ୍ୟରେ ଲିପ୍ତ। ଏସବୁ ସେବା ମଧ୍ୟରୁ କେଉଁଟି ସବୁଠାରୁ ଉତ୍ତମ ତାହା ମୋର ଜାଣିବାକୁ ଇଛା ହେଲା। ମା, ବାପା, ଶିକ୍ଷକ ସମସ୍ତେ କହିଲେ ସବୁ ସେବା ସମାନ। ମୋର ମନରେ ପ୍ରଶ୍ନ ଉଠିଲା ଯଦି ସବୁ ସେବା ସମାନ ତେବେ ଏତେ ପ୍ରକାର ସଂସ୍ଥା ଦ୍ୱାରା କାହିଁକି ସେବା କରାଯାଉଛି ? ସବୁ ସେବାକାର୍ଯ୍ୟ ସମାନ ଭାବରେ ପବିତ୍ର ଓ ହିତକାରକ କି ? ଏପରି ପ୍ରଶ୍ନ ମନରେ ଥିବା ସମୟରେ ମୋର ପିତାଙ୍କ ସହିତ ମୁଁ ଜଣେ ଗେରୁଆ ବସ୍ତ୍ର ପିନ୍ଧିଥିବା ସାଧୁଙ୍କ ପାଖକୁ ଯାଇଥିଲି। ବାପା ଆଶ୍ରମରେ ଅନ୍ୟ ମାନଙ୍କ ସହିତ କଥୋପକଥନ କରୁଥିବା ସମୟରେ ମୁଁ ସାଧୁ ବାବାଙ୍କୁ ମୋର ମନର କଥାକୁ କହିଥିଲି। ସେ ମତେ କହିଥିଲେ କ୍ଷମତା ଲେଭି କ୍ଷମତା ଲୋଭରେ ଯେଉଁ ସେବା କରନ୍ତି ବା ବାଧ୍ୟତାମୂଳକ ଭାବେ ଲୋକ ଦେଖାଣିଆ ପାଇଁ ଯେଉଁ ସେବାକାର୍ଯ୍ୟ କରାଯାଏ ତାହା ଲାଭ ଅପେକ୍ଷା ଅନେକ ହାନିକାରକ ହୋଇଥାଏ। କ୍ଷମତା ଲୋଭୀମାନେ ଯେଉଁ କର୍ମଶାଳା ସେବାର ପ୍ରଶିକ୍ଷଣ ପାଇଁ ଖୋଲିଥାନ୍ତି ତାହା ଦୋକାନ ସଦୃଶ ଦୃଷ୍ଟି ଆକର୍ଷଣ ଓ ସାଜସଜ୍ଜା କରି ଲୋକଙ୍କୁ ଆକୃଷ୍ଟ କରିଥାନ୍ତି। ଧୂର୍ତ୍ତ ପ୍ରଚାରରେ କ୍ଷଣସ୍ଥାୟୀ ଫଳ ମିଳେ ଏହା ପରିବେଶକୁ ନୈରାଶ୍ୟ ଓ ବିଫଳତା ଦିଏ। ମୋର ମୁଣ୍ଡକୁ ଆଉଁସି ଦେଇ ଗୁରୁଦେବ କହିଲେ କୌଣସି ସ୍ୱାର୍ଥ ନଥାଇ ପ୍ରେମପୂର୍ଣ୍ଣ ସେବା କୁ ହିଁ ପ୍ରକୃତ ସେବା କୁହାଯାଏ।

ସେ କହିଲେ ସେବା ପାଇଁ ହୃଦୟରେ ଭାବ, ମସ୍ତିଷ୍କରେ ବୁଦ୍ଧି ଓ ହାତରେ ଶକ୍ତି ଦରକାର। ହୃଦୟରେ ନିଃସ୍ୱାର୍ଥପର ପ୍ରେମ, ବିନମ୍ରତା ଆବଶ୍ୟକ। ଯେତେବେଳେ ମନ, ବୁଦ୍ଧିମତାପୂର୍ଣ୍ଣ ବିଚାରଶକ୍ତି ସହ ସମସ୍ୟା ଓ ତାର ସମାଧାନ ବିଷୟକ ଜ୍ଞାନପାଏ ଓ ହସ୍ତ ଉପଶମକାରୀ ସ୍ୱର୍ଶରେ ଆଗ୍ରହ ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସମୟ, ଶକ୍ତି ଓ ଦକ୍ଷତାକୁ ଆନନ୍ଦର ସହ ବିନିଯୋଗ କରେ, ତାହା ସେବାକାର୍ଯ୍ୟରେ ପରିଣତ ହୁଏ। ସେବା ପାଇଁ ଭଗବତ ବିଶ୍ୱାସ ଅନିର୍ବାର୍ଯ୍ୟ। ସବୁ ମଣିଷ ଜୀବଜଗତ ଭଗବାନଙ୍କ ଅଂଶ। ସେମାନଙ୍କର ମୂଳସ୍ଥିତି ଓ ପ୍ରଗତି ସବୁ ଭଗବାନଙ୍କ ଭିତରେ, ଭଗବାନଙ୍କ ଦ୍ୱାରା ଓ ଭଗବାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହେବା ଉଚିତ। ସେବା ପାଇଁ ସ୍ୱାର୍ଥଶକ୍ତିରୁ ମୁକ୍ତ ହେବା ଆବଶ୍ୟକ।

ସେ ଦିନ ଜାଣି ପାରିଲି ଇତର ଜଗତର ପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରୁଥିଲେ ମଧ ସେମାନଙ୍କର ଚିନ୍ତା ନିଃସ୍ୱାର୍ଥପର କିନ୍ତୁ ମଣିଷର ଖାଦ୍ୟ ଅନ୍ୱେଷଣ ପଛରେ ସ୍ୱାର୍ଥ ନିବିଡ଼ ଭାବରେ ଜଡ଼ିତ। ସେ ମତେ କିଛି ସମୟ ପାଇଁ ତାଙ୍କର ଅଲୌକିକ ଶକ୍ତି ମତେ ଦେଖାଇଥିଲେ। ମୁଁ ଦେଖିଲି ଗୁରୁଦେବ ଓ ମୁଁ କିଛି ସମୟ ପାଇଁ ଆକାଶ ମାର୍ଗରେ ବୁଲୁଚୁ। ତଳେ ପୃଥିବୀରେ ମୋର ସାଙ୍ଗସାଥୀ, ବାପା, ମାଆ, ବନ୍ଧୁବାନ୍ଧବ, ପ୍ରାଣୀଜଗତ ସମସ୍ତେ ଖାଦ୍ୟ ଅନ୍ୱେଷଣରେ ବ୍ୟସ୍ତ ସେ ମତେ କହିଲେ ଜୀବନ ଅର୍ଥ ଖାଦ୍ୟ ଅନ୍ୱେଷଣ ନୁହେଁ, ଏହାଠାରୁ କିଛି ଅଧିକ ମତେ କହିଲେ ଚାଲ ମୋ ସହିତ ଯିବୁ ମୁଁ ତତେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ପାଖକୁ ନେଇଯିବି ମୁଁ କହିଲି ମୋ ବିନା ମୋର ପିତାମାତା, ବନ୍ଧୁବାନ୍ଧବ ସମସ୍ତେ ବ୍ୟସ୍ତ ହୋଇପଡ଼ିବେ। ମୋର ଅନେକ କାର୍ଯ୍ୟ ବାକିଅଛି ମତେ ଛାଡ଼ିଦିଅ। ଆଖି ଖୋଲି ଦେଖେ ତ ଗୁରୁଦେବ ଆଖି ବନ୍ଦ କରି ବସିଛନ୍ତି। ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି। ମୋର ବାପା ମୋ ନିକଟରେ ବସିଛନ୍ତି। ଚାରି ଆଡ଼କୁ ଚାହିଁ ଦେଖିଲି ଗୁରୁଦେବଙ୍କ ଛଡ଼ା ମୋ ସହିତ ଆଉ କିଏ କଥାବାର୍ତ୍ତା କରୁଥିଲେ କି ? ପ୍ରକୃତିସ୍ଥିତ ଚିତ୍ତରେ ହୃଦୟଙ୍ଗମ କଲି ପ୍ରକୃତରେ ମୋ ସହିତ କଥାବାର୍ତ୍ତା କରୁଥିବା ଲୋକଟି ଗୁରୁଦେବ ନଥିଲେ ମୋ ଭିତରେ ଥିବା କିଛି ଏକ ଚେତନଶକ୍ତି ମୋ ସହିତ କଥାବାର୍ତ୍ତା କରୁଥିଲା। ସେ ମତେ କହିଥିଲା ଜୀବନ କ୍ଷଣ ଭଙ୍ଗୁର, ଖାଦ୍ୟକୁ ଅନ୍ୱେଷଣ ପାଇଁ ଉଦ୍ଦିଷ୍ଟ ନୁହେଁ। ନିଃସ୍ୱାର୍ଥପର ଓ ସେବା ମାଧ୍ୟମରେ ତୁ ମତେ ପାଇ ପାରିବୁ।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ଯେପରି କହୁଛ ସେପରି କର

**॥ ଅନୀତା ପଟ୍ଟନାୟକ ॥**

ମଣିଷର ଆଶା ହେଉଛି ଏକ ଭାବ, ଯାହାକି ତାର ଜୀବନକୁ ଚଳଚଞ୍ଚଳ କରାଇଥାଏ। ମନୁଷ୍ୟ ଭଲ ଭାବେ ଜାଣିଥାଏ ଯେ ସଂକୁଚିତ ପ୍ରେମ ଅର୍ଥ ପ୍ରେମହୀନତା। ମନୁଷ୍ୟ କଥା, କର୍ମ ଓ ବଚନରେ ସମନ୍ୱୟ ରକ୍ଷା କରିପାରୁନଥିବାରୁ ସେ ଅନ୍ୟମାନଙ୍କ ବିଶ୍ୱସ୍ତ ଓ ପ୍ରିତୀଭାଜନ ହୋଇପାରିନଥାଏ। ଆମ ମାନଙ୍କୁ ଭଗବାନଙ୍କର ଏକ ଆୟୁଧ ହେବାକୁ ପଡ଼ିବ, କାରଣ ସେ ଆମ ମାନଙ୍କ ମଧ୍ୟରେ, ଆମ ମାନଙ୍କ ଦ୍ୱାରା ସଂସାରରେ ସଂସ୍କାର ଆଣିଥାନ୍ତି।

ସଂସ୍କାରବାବୁ ଗୋଟିଏ ସହରରେ ଜଣେ ପରିଚିତ ଓକିଲ ଥିଲେ। ସେ ଭଗବାନଙ୍କର ଭକ୍ତି ‘ତୁମେ କେବଳ ନିମିତ୍ତ ହୁଅ ଓ ମୋର ଆୟୁଧ ହୁଅ ଏବଂ ମୁଁ ତୁମ ମାଧ୍ୟମରେ ସଂସାରରେ ସଂସ୍କାର ଆଣିବି’। ଏହାକୁ ଜୀବନର ମୂଳମନ୍ତ୍ର ଧରି ଓକିଲାତି ବୃତ୍ତି କରୁଥିଲେ। ରାଜେଶ ତାଙ୍କର ଏକମାତ୍ର ପୁତ୍ର ପିଲାଦିନେ ଦେଖିଛି ତାର ବାପା କିପରି ପରିଶ୍ରମୀ ଓ ଦୟାଳୁ ଥିଲେ। ଥରେ ରାଜେଶ ତାର ପିତାମାତାଙ୍କ ସହିତ ଫୁଲବାଣୀର ଏକ ପର୍ଯ୍ୟଟନସ୍ଥଳୀକୁ ବୁଲି ଯାଇଥିଲା। ସେ ଓ ତାର ମାଆ ଜଙ୍ଗଲର ଶୋଭା ଓ ଫୁଲର ସୁଗନ୍ଧକୁ ଦେଖି ଓ ବାରି ଖୁସି ହେଉଥିବା ସମୟରେ ସଂସ୍କାର ବାବୁ କିଛି ସମୟ ପାଇଁ ହଜିଯାଇଥିଲେ। କିଛି ସମୟ ପରେ ସେ ରାଜେଶ ଓ ତାର ମାଆ ପାଖକୁ ଫେରିବାରୁ ରାଜେଶର ମାଆ ‘ତୁମେ କୁଆଡ଼େ ଯାଇଥିଲ’ ବୋଲି ପ୍ରଶ୍ନ କରିଥିଲେ। ସଂସ୍କାର ବାବୁ କହିଥିଲେ, ତୁମ ମାନଙ୍କ ଠାରୁ ଦୂରେଇ ଯାଇ କିଛି ବାଟ ଯିବା ପରେ ଦେଖିଲି ଗତକାଲିର ଭୀଷଣ ବର୍ଷା ଓ ପବନରେ ଦୁଇଟି ଚଢ଼େଇ ଛୁଆ ମାଟିରେ ପଡ଼ିଛନ୍ତି। ସେମାନଙ୍କର ନୀଡ଼ ଭାଙ୍ଗି ଯାଇଛି। ସେହି ଦୁଇଟି ପକ୍ଷୀଙ୍କୁ ଉଠାଇ ଗଛରେ ଝୁଲୁଥିବା ଆଉ ଏକ ନୀଡ଼ରେ ସେମାନଙ୍କୁ ପୁନଃ ପ୍ରତିଷ୍ଠା କରିବା ପାଇଁ କିଛି ସମୟ ଲାଗିଗଲା। ସେଥିପାଇଁ ମୋର ତୁମ ମାନଙ୍କ ପାଖକୁ ଫେରିବାକୁ ଡେରିହେଲା। ସଂସ୍କାର ବାବୁ ରାଜେଶକୁ ସବୁବେଳେ ସତ କହିବା ପାଇଁ, ଚୋରି ନକରିବା ପାଇଁ ଶିକ୍ଷା ଦେଉଥିଲେ। ସେ କହୁଥିଲେ ମଣିଷ ତାର ଆଶାକୁ ନେଇ ବଞ୍ଚେ। ଆଶା ଆମର ଜୀବନକୁ ଚଳଚଞ୍ଚଳ କରୁଥିଲେ ମଧ ଆମର ଆଶାକୁ ପୂରଣ କରିବାକୁ ଯାଇ ଆମେ ଅନ୍ୟ କାହାର କ୍ଷତି କରିବା ଉଚିତ ନୁହେଁ। ଆମେ ବିଶ୍ୱସ୍ତ ହେବା ରାଜକୀୟ ନୁହେଁ ଇତ୍ୟାଦି ଇତ୍ୟାଦି। ଦିନେ ରାଜେଶ ତାର ବାପାଙ୍କ ସହ ଗୋଟିଏ ତେଜରାତି ଦୋକାନକୁ ବୁଲିଯାଇଥିବା ସମୟରେ ସମସ୍ତଙ୍କର ଅଲକ୍ଷ୍ୟରେ ଗୋଟିଏ ସୁନ୍ଦର ଗୋଲାକାର ଆଳୁଟିଏ ଉଠାଇ ଆଣିଥିଲା। ମାଆ ଏହାକୁ ଦେଖି ପାଟି କରିବାରୁ ବାପା ତାକୁ ଟାଣି ଟାଣି ନେଇ ଦୋକାନରେ ଆଳୁଟିକୁ ଫେରାଇଥିଲେ ଓ ରାଜେଶକୁ ଦୋକାନ ମାଲିକଙ୍କୁ କ୍ଷମା ମାଗିବାକୁ କହିଥିଲେ। ତେଣୁ ରାଜେଶର ପିଲା ଦିନର ଆଖିରେ ତାର ବାପା ଥିଲେ ନ୍ୟାୟବନ୍ତ, ଦୟାଳୁ, ସତ୍ୟବନ୍ତ ଓ ବିଶ୍ୱସ୍ତ। ସେ ଭାବୁଥିଲା ତାର ବାପା ସମସ୍ତଙ୍କୁ ପ୍ରେମ କରନ୍ତି ଓ ସେ ସଙ୍କୁଚିତ ପ୍ରେମରେ ବିଶ୍ୱାସ ରଖନ୍ତି ନାହିଁ। ତେଣୁ ସେ ବଡ଼ ହୋଇ ଓକିଲାତି ଶିକ୍ଷାକରି ବଡ଼ ଓକିଲ ହେବା ପାଇଁ ମନରେ ସ୍ଥିର କରିନେଲା। କିନ୍ତୁ ଏ କ’ଣ ? ବଡ଼ ହୋଇ ସେ ଦେଖିଲା ତାର ବାପାଙ୍କର କଥା, କର୍ମ ଓ ବଚନରେ ସମନ୍ୱତା ନାହିଁ। ଦିନେ ସହରର ଜଣେ ଧନୀ ବ୍ୟକ୍ତି ରାଜେଶର ବାପାଙ୍କୁ ପୁଳାଏ ଟଙ୍କା ଦେଇ ଧନ୍ୟବାଦ ଅର୍ପଣ କଲେ। କାରଣ ସଂସ୍କାର ବାବୁ ଗୋଟିଏ ବିଧବା ବୁଢ଼ୀର ସମ୍ପତ୍ତିକୁ ଉକ୍ତ ଧନୀକବ୍ୟକ୍ତିଙ୍କର ନାମରେ ବିଚାରାଳୟରେ କରାଇ ପାରିଥିଲେ। ଧନୀକ ବ୍ୟକ୍ତି ଉକ୍ତ ବିଧବା ବୁଢ଼ୀର ଯାଗାରେ ବ୍ୟାଙ୍କରୁ ଋଣ ନେଇ ଗୋଟିଏ ସୁନ୍ଦର ହୋଟେଲ ତିଆରି କରିବାକୁ ଯୋଜନା କରିଥିଲେ। ରାଜେଶ ଭାବୁଥିଲା ଏ କ’ଣ ମୋର ସେଇ ପିତା ଯେ ଦିନେ ଫୁଲବାଣୀ ଜଙ୍ଗଲରେ ନୀଡ଼ରୁ ଖସି ପଡ଼ିଥିବା ପକ୍ଷୀ ମାନଙ୍କୁ ଏକ ନୀଡ଼କୁ ଫେରାଇ ଦେଇ ପାରିଥିଲେ। ସଂସ୍କାର ବାବୁ କିଛି ଦିନ ପରେ ସତମିଛ କହି ଯୋଗାଡ଼ କରିଥିବା ଟଙ୍କାରେ ଏକ ଦାମୀକାର କିଣିଥିଲେ ଓ ରାଜେଶକୁ କହିଥିଲେ ତୋର ଓକିଲାତି ଜୀବନର ଆରମ୍ଭରେ ମୋ ତରଫରୁ ତୋ ପାଇଁ ଏକ ଉପହାର। ରାଜେଶ ଭାବିଲା ବାପା ମୋର ବିଶ୍ୱସ୍ତ ନା ରାଜକୀୟ ଯଦି ସେ ବିଶ୍ୱସ୍ତ ତେବେ କାହାର ସେ ବିଶ୍ୱସ୍ତ ? ତାଙ୍କର କେଉଁ ଆଶା ତାଙ୍କର ଜୀବନକୁ ଚଳଚଞ୍ଚଳ କରାଉଛି ? ସେ ଜାଣିପାରିଲା ତାର ବାପା ଯାହା କୁହନ୍ତି, ଯାହା ଚିନ୍ତା କରନ୍ତି ତାକୁ ସେ କାର୍ଯ୍ୟରେ ପରିଣତ କରାନ୍ତି ନାହିଁ। ସେ ବଡ଼ ଓକିଲ ହୋଇପାରନ୍ତି କିନ୍ତୁ ସେ ଜଣେ ଖଚୁଆ, ମିଛୁଆ ଓ ପଇସା ରୋଜଗାର କରୁଥିବା ଏକ ମେସିନ।

ଦିନେ ଏହାର ଉତ୍ତର ପାଇବା ପାଇଁ ରାଜେଶ ବାପାଙ୍କ ଆଗରେ ଆସି କହିଲା ମୁଁ ଏପରି ବ୍ୟବସାୟ କରି ପାରିବି ନାହିଁ। ତୁମେ ମତେ ସତ୍ୟପଥରେ ଚାଲିବା ପାଇଁ ପିଲାଦିନୁ ଶିଖାଇଥିଲ କିନ୍ତୁ ଏ ବ୍ୟବସାୟ ସଂପୂର୍ଣ୍ଣ ଓଲଟା। ବାପା ରାଜେଶକୁ କହିଲେ ‘ଯେଉଁମାନେ ସତ୍ୟଧର୍ମ ଅହିଂସା ପଥରେ ଚାଲନ୍ତି, ସେମାନେ ଆଣ୍ଠୁ ଲୁଚୁନଥିବା ଧୋତି ପରିଧାନ କରି ଖାଲି ଦେହରେ ତୃତୀୟ ଶ୍ରେଣୀ ଡବାରେ ଟ୍ରେନରେ ଯାତ୍ରା କରନ୍ତି। ସେମାନେ ବିରାଟ ମଣିଷ ହୋଇପାରନ୍ତି କିନ୍ତୁ ଓକିଲାତି ପାଇଁ ନୁହେଁ। ଓକିଲାତି ଏକ ବ୍ୟବସାୟ। ମାଂସ କଟାଳୀ ଯେପରି ଜୀବକୁ ହତ୍ୟାକରି ଏହାକୁ ମହାପାପ ବୋଲି ଜାଣି ମଧ ସେ ତାର ପରିବାର ପ୍ରତିପୋଷଣ କରିଥାଏ। ସେହିପରି ଓକିଲାତିରେ ଦୁଇଟି ପକ୍ଷ ଥାନ୍ତି। ଜଣେ ମିଛ କୁହେ ଜଣେ ସତ କୁହେ ସେ ସତ ମିଛ ମଧ୍ୟରୁ ସତ ବାଛିବାର ଦାୟିତ୍ୱ ବିଚାରପତିଙ୍କର। ଓକିଲ ତାର ପେଶା ଓ ପକ୍ଷ ପାଇଁ ଆଇନଟିକୁ ତା ସପକ୍ଷରେ ବାଢ଼ି ଥାଏ। ଏସବୁ ଶୁଣିବା ପରେ ରାଜେଶର ମନ ଏଥିରେ ବୁଝି ନଥିଲା। ତାର କାନରେ ସ୍କୁଲ ଦିନର ପ୍ରାର୍ଥନା ‘ସତ୍ୟ ପଥେ ଧର୍ମ ପଥେ ଘେନି ଯାଅ ମତେ, ଭକ୍ଷାଅ ପରାଣ ମୋର ତବ ପ୍ରେମ ସ୍ରୋତେ ଝଙ୍କୁରିତ ହେବାକୁ ଲାଗିଲା। ତାର ଭକ୍ତିମତୀ ମାଆ ଘରେ ଠାକୁରଙ୍କ ପାଖେ ହାତଯୋଡ଼ାଇ ତାକୁ କିପରି ଶିକ୍ଷା ଦେଇଥିଲେ ଯେ ‘ଯାହା ମୁଁ କହଇ, ଯାହା ମୁଁ କରାଇ ଯାହା ମୁଁ ଚିନ୍ତଇ ମନେ, ଜଗତର କର୍ତ୍ତା ପରମେଶ୍ୱର ଜାଣୁଛନ୍ତି ପ୍ରତିକ୍ଷଣେ। ତାର ମନେ ପଡ଼ିଲା ଏହାମଧ ତାର ମନେପଡ଼ିଲା ତାକୁ କିପରି ପିଲାଦିନେ ଶିକ୍ଷା ଦିଆଯାଇଥିଲା। ’ମତେ ଏତିକି ଶିଖାଅ ସାଇଁ ହେ ମୋର ଧନଜନ ଲୋଡ଼ା ନାହିଁ ହେ’। ତେଣୁ ସେ ଓକିଲାତି ନକରିବା ପାଇଁ ଦୃଢ଼ ସିଦ୍ଧାନ୍ତ ନେଲା ଓ ଏକ ବିଚାରପତି ହେବ ବୋଲି ତାର ବାପାଙ୍କୁ ରୋକଠୋକ ଶୁଣାଇ ଦେଲା। ବାପା ଅବାକ ହୋଇ ଆକାଶକୁ ଚାହିଁ ରହିଲେ। ପୁରୁଣା ବଙ୍ଗାଳୀ କବିତାଟିଏ ତାଙ୍କର ମନେ ପଡ଼ିଲା ‘ତୁମି ଏକଲା ଚଲୋରେ’।

ଦୂରଭାଷ : ୯୬୯୨୯୮୦୦୨୬

## କେବେ ସୁଧୁରିବ ପମ୍ପାଲ ପଞ୍ଚାୟତର ପାଣି ସମସ୍ୟା ?

ବାଲିପାଟଣା, (ମହାଭାରତ): ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ବେଳେ ପ୍ରବଳ ଗୁଳ୍ମୁଳି ବଞ୍ଚିବା ପାଇଁ ଏକମାତ୍ର ଉପାୟ ମୁନ୍ଦାଏ ପିଇବା ପାଣି ! ପ୍ରାୟ ୪ ଦିନ ହେବ ସାମାନ୍ୟ ଏକ କେବୁଲ ତାର ପୋଡ଼ି ନଷ୍ଟ ହୋଇ ଯାଇ ଥିବାରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି !ରାଜ୍ୟ ସରକାର ବସୁଧା ଯୋଜନାରେ ଘରେ ଘରେ ପାଣି ପହଞ୍ଚାଇ ଦେଉଥିବା କହି ଡ଼ିଣ୍ଡିମ ପିଟୁଥିବା ବେଳେ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲ ପଞ୍ଚାୟତ ରେ ଏହି ସୁବିଧା ଫେଲ ମାରିଛି ! ଉକ୍ତ ପଞ୍ଚାୟତ ର ୧୪ ନମ୍ବର୍ ୱାର୍ଡ କୁଳନ୍ତିରା ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୧୦୦୦ରୁ ଉର୍ଦ୍ଧ ହେବ । ଅର୍ଦ୍ଧାଧିକ ଲୋକେ ବସୁଧା ଯୋଜନାରୁ ପାଣି ନପାଇ ଡହଳ ବିକଳ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା କେବଳ ଆଖିରେ ଦେଖିଲେ ବିଶ୍ୱାସ କରି ହେବ। କେବଳ ଏହି ଗ୍ରାମ ଖାଲି ନୁହେଁ ପମ୍ପାଲ ପଞ୍ଚାୟତର ଏକାଧିକ ଗ୍ରାମ ରେ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି। ବାରମ୍ବାର ଅଭିଯୋଗ ପରେ ସରକାରୀ ବାବୁମାନେ ଆସି ପ୍ରତିଶ୍ରୁତି ଦେଲେ ଜେ ଖୁବ୍ ଶୀଘ୍ର ମେଘା ପ୍ରୋଜେକ୍ଟ ଯୋଜନା ରେ ପାଣି ଯୋଗାଇ ଦିଆଯିବ ଓ କାମ ତ୍ୱରାନ୍ୱିତ ହେବ । ୨ ବର୍ଷ ତଳେ ବୋରିଂ ଖୋଳି ତାକୁ ଖୋଲା ଛାଡି ଯାଇଛନ୍ତି ଯେ ଆଉ ଦେଖା ମିଳୁନି ସରକାରୀ ବାବୁମାନଙ୍କର। ସେଥି ପାଇଁ ବି ଛୋଟମୋଟ ଦୁର୍ଘଟଣା ହେଉଚି। ଏବେ ଅଭିଯୋଗ କରିବା ପରେ ଗୋଟିଏ ଉତ୍ତର ମିଳୁଚି ଦୁଇବର୍ଷ ହେଲା ମେଗା ପ୍ରୋଜେକ୍ଟ ରେ ତୁମର ପାଣି ଯିବ ଆମେ ଆଉ କିଛି କରି ପାରିବୁ ନାହିଁ। ସମୁଦାୟ ଗ୍ରାମ ରେ୬ ଟି ନଳକୂପ ଥିବା ବେଳେ ଏବେ ମାତ୍ର ୩ ଟି ଚାଲିଛି ଆଉ ୩ ଟି ସେମିତି ଖରାପ ଓ ଲୌହ ମିଶ୍ରିତ ହଳଦିଆ ପାଣି ବାହାରୁଚି। ବସୁଧା ଯୋଜନା ରେ ଆସୁଥିବା ପାଣି ବି ଗାଁର ଅଧାବାଟ ପର୍ଯ୍ୟନ୍ତ ଠିକ୍ ସେ ଗାଁ ରେ ପହଞ୍ଚି ପାରୁ ନାହିଁ ! କୋଉଠି କିଏ ଗାଡିଆ ପୋଖରୀ ରେ ପାଇପି ଫଟେଇ ମନ୍ ମୁଖି ପାଣି ନେଉଛି ତ କୋଉଠି କିଏ ବିଲ ବାରିକି ନେଇ ପରିବା ଚାଷ କଲାଣି ଆଉ କିଏ ମଟର ଲଗେଇ ବିଲ, ବାରି,ଘରକୁ ନେଇ ଅଯଥା ପାଣି ନଷ୍ଟ କରୁଛନ୍ତି ।ଦାୟିତ୍ୱ ରେ ଥିବା ପମ୍ପ ହାଉସ କର୍ମଚାରୀ ଙ୍କୁ ପଚରା ଗଲେ ଉତ୍ତର ମିଳୁଚି ମୋ ହାତରେ କିଛି ନାହିଁ ପଞ୍ଚାୟତ ବୁଝୁଚି ଓ ମୁଁ ଅଭିଯୋଗ କଲେ କହୁଛନ୍ତି ସେମିତି ଚାଲିବ ସମସ୍ତେ ଆମ ଲୋକ ଆମେ କିଛି କରି ପାରିବା ନାହିଁ ? ଏଠି କଥା ଉଠୁଚି ଟୋପେ ପିଇ ବା ପାଣି ପାଇଁ ଲୋକ ଡହଳ ବିକଳ ହେଉଥିବା ବେଳେ ପଞ୍ଚାୟତ ଅଧିକାରୀ ମାନଙ୍କ ଉତ୍ତର ଠିକ୍ ତ୍ ? ଯଦି ଠିକ୍ ଆଗାମୀ ଦିନରେ ବିଲ ବାରି କୁ ନେଇ ଯୋଉମାନେ ଫସଲ କରୁଛନ୍ତି ଯଦି କିଛି ବିଷାକ୍ତ ଔଷଧ ମିଶି ପାଣି ବିଷାକ୍ତ ହେବ ଓ ଜୀବନ ହାନି ଘଟିବ ସେଥିପାଇଁ ଦାୟୀ କିଏ ରହିବ। ପ୍ରକାଶ ଥାଉ କି ଉକ୍ତ ପଞ୍ଚାୟତରେ ବିଧାୟକ ଙ୍କ ପାଣ୍ଠି, ସାଂସଦଙ୍କ ପାଣ୍ଠି ଓ ଜିଲ୍ଲା ପରିଷଦ ଙ୍କ ପାଣ୍ଠିରୁ ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଆସୁଥିବା ଅର୍ଥ ବିଭିନ୍ନ ସମୟରେ ପିସି କାରବାର ବା ହାତ ଗୁଞ୍ଜା ପାଇଁ ନିଜ ଭିତରେ ଟଣା ଓଟରା ହୋଇ ଉନ୍ନତି ମୂଳକ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇ ଯାଇଚି। ଖୁବ୍ ଶୀଘ୍ର ଏହାର ସମାଧାନ ନ କଲେ ଗ୍ରାମବାସୀ ମାନେ ପମ୍ପ ହାଉସ ରେ ତାଲା ପକାଇବା ସହିତ ପଞ୍ଚାୟତ ଓ ବ୍ଲକ ଆଗରେ ଧାରଣା ଦେବେ ବୋଲି ପିଣ୍ଟୁ ରାୟ, ପ୍ରତାପ ସ୍ୱାଇଁ, କାର୍ତ୍ତିକ ଭୋଳ,ନିର୍ମଳ ଦାସ, ପ୍ରଳୟ ଭୋଳ,ଜୀବନ ପଣ୍ଡା, ବିଶ୍ୱଜିତ୍ ଭୋଳ,ପ୍ରଫୁଲ୍ଲ ଭୋଇ,ବେଣୁଧର ବାରିକ, ଲୁଟୁ ମହାନ୍ତି, ନବ ବେହେରା ଓ ସମସ୍ତ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।

## ଗୋଲାମୁଣ୍ଡାରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗୋଲମୁଣ୍ଡା, (ମହାଭାରତ): ଜୁନ ମାସ ୨୭ ତାରିଖରେ ଗୋଲାମୁଣ୍ଡା ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି ଓ ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଗୋଲାମୁଣ୍ଡା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ ଓ ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୨୭ ତାରିଖରେ ରଥଯାତ୍ରା, ଜୁଲାଇ ୦୧ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୦୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୦୫ ରେ ବାହୁଡା ଯାତ୍ରା, ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ ଓ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ପାଣି ବ୍ୟବସ୍ଥା ରହିବ। ଟ୍ରାଫିକ ଜୋନ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଦଳା ଚକଟା ଭଳି ପରିସ୍ଥିତିକୁ ଏଡାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମ ରେ ରାକେଶ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର ରାଉତ, ଅଭିରାମ ନାଏକ, ଚତୁର ଭୁଜ ନାଏକ, ଇଂ ଧିରେନ୍ କୁମାର ନାଏକ, ଗଗନ ମୁଣ୍ଡ, ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ସତ୍ୟ ନାରାୟଣ ବିଶି, ନରେନ୍ଦ୍ର ନାଏକ, ଜନ୍ମ ଜୟ ମାଝୀ, ଅନାଦି ରାଉତ, ଘନ ଶ୍ୟାମ ନାଏକ ଓ ଗୋଲାମୁଣ୍ଡା ସମସ୍ତ ଗ୍ରାମ ବାସି ବୃନ୍ଦ ଉପସ୍ଥିତ ଥିଲେ। ଜଗନ୍ନାଥଙ୍କ ମୁଖ୍ୟ ସେବକ ଚତୁର ଭୁଜ ନାଏକ ସଭା ପରିଚାଳନା କରିଥିବା ବେଳେ କୁମର ରଣା ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥର ଶୁଭାରମ୍ଭ

ମାଲକାନଗିରି, (ମହାଭାରତ): ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା,ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ ଜିଲ୍ଲାର ସାତଟି ବ୍ଲକ୍ ର ୧୧୧ ଟି ଗ୍ରାମ ପଞ୍ଚାୟତ ପରିଭ୍ରମଣ କରିବ । ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ।

## ଦୀର୍ଘ ବର୍ଷ ହେଲାଣି ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି ୨୫ ପରିବାର

ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ର ଆଦିକନ୍ଦ ପୁର ଗ୍ରାମ ଯେଉଁଠି ବାସକରୁଛନ୍ତି ୨୫ ବ୍ରାହ୍ମଣ ପରିବାର। ଦୀର୍ଘ ଦିନ ଧରି ଗ୍ରାମ ପାଣି ସମସ୍ୟା ଲାଗି ରହିଥିବା ବେଳେ ପ୍ରଶାସନ ଦ୍ୱାରା କିଛି ସ୍ଥାୟୀ ସମାଧାନ କରାନଯିବାରୁ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ। ଗ୍ରାମ ରେ ଅନେକ ନଳକୂପ ଅଛି କିନ୍ତୁ ସେ ସବୁରୁ ଆଇରନ ମିଶା ଲୁଣି ପାଣି ବାହାରୁ ଥିବାରୁ ପାଇପ ସପ୍ଲାଇ ଏବଂ ଗ୍ରାମ ରେ ଥିବା ଏକ ମାତ୍ର ପୋଖରୀ ଉପରେ ସମସ୍ତେ ନିର୍ଭର କରିଥାନ୍ତି କିନ୍ତୁ ବିଡମ୍ବନା ର ବିଷୟ କି ଗ୍ରାମ କୁ ପିଇବା ପାଣି ରେଗୁଲାର ଯାଉନଥିବା ବେଳେ ପୋଖରୀ ଟି ସମ୍ପୂର୍ଣ୍ଣ ଅଳିଆ ଏବଂ ଘାସ ଲଟାରେ ପରିପୂର୍ଣ୍ଣ ହୋଇ ଅଦରକାରୀ ହୋଇପଡ଼ିଥିବାରୁ ଗାଧେଇବା ଶୌଚ ହେବା ପାଇଁ ପାଣି ଟୋପେ ନ ପାଇ ହନ୍ତସନ୍ତ ହେଉଛନ୍ତି। ପୋଖରୀ ଟି ପ୍ରତି ତିନି ବର୍ଷ ରେ ପଂଚାୟତ ତରଫରୁ ନିଲାମ ଡକାଯାଉଥିଲେ ମଧ ପଂଚାୟତ ରକ୍ଷଣା ବେକ୍ଷଣ ପାଇଁ କିଛି ପଦକ୍ଷେପ ନେଉନାହିଁ ଯାହା ଫଳରେ ଗ୍ରାମବାସୀ ଙ୍କ ମନରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଚି। ତେଣୁ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ତୁରନ୍ତ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ପିଇବା ପାଣି ନିୟମିତ କରିବା ସହିତ ପୋଖରୀ ଟିକୁ ସଫା କରି ଖନନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପୁରୀରେ ପହଞ୍ଚିଲା ଦଶପଲ୍ଲାର ପବିତ୍ର କାଠ

ଦଶପଲ୍ଲା, (ମହାଭାରତ): ଶ୍ରୀକ୍ଷେତ୍ର ପୁରୀ ଓ ଦଶପଲ୍ଲାର ମହାବୀର କ୍ଷେତ୍ର ମଧ୍ୟରେ ଏକ ଗଭୀର ଆଧ୍ୟାତ୍ମିକ ସମ୍ପର୍କ ରହିଛି। ପ୍ରାଚୀନ କାଳରୁ ଦଶପଲ୍ଲାର ଜଙ୍ଗଲରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ପବିତ୍ର କାଠ ଯୋଗାଯାଇଥାଏ। ଏବର୍ଷ ମଧ୍ୟ ପରମ୍ପରା ଅନୁଯାୟୀ, ବନ ବିଭାଗ ଦ୍ୱାରା ଦଶପପଲ୍ଲାରୁ ଉଚ୍ଚ ଗୁଣବତ୍ତାର କାଠ ପୁରୀ ପଠାଯାଇଛି। ଏଥିପାଇଁ ମୁଖ୍ୟତଃ ମଇ କାଠର ୧୨ ଫୁଟ ଲମ୍ବା ୨୦ଟି ଲଟା ଏବଂ ବିଭିନ୍ନ ପ୍ରଜାତିର ବଲ୍ହା କାଠ (ପ୍ରତ୍ୟେକ ୨୦ ଫୁଟ ଲମ୍ବା) ପଠାଯାଇଛି। ମଇ କାଠ ଦ୍ୱାରା ରଥରେ ସ୍ଥାପିତ ହେଉଥିବା ପାର୍ଶ୍ୱ ଦେବଦେବୀ ଓ ନବଗ୍ରହଙ୍କ ମୂର୍ତ୍ତି ତିଆରି କରାଯିବ। ଏହି କାଠ ଟାକରା ଓ ପୋଖରିଗୋଛା ସେକ୍ସନ୍ ଅଧୀନସ୍ଥ ସଂରକ୍ଷିତ ବନରୁ ବନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସଂଗ୍ରହ କରାଯାଇଛି। ବନ ରେଞ୍ଜ ଅଫିସର ରାକେଶ କୁମାର ସାହୁ ଓ ଆଲୋକ କୁମାର ଗୁରୁଙ୍କ ନେତୃତ୍ୱରେ ଏହି ପବିତ୍ର କାଠର ସୁରକ୍ଷିତ ପରିବହନ ନିଶ୍ଚିତ କରାଯାଇଥିଲା। ବନ ବିଭାଗ ଜଣାଇଛନ୍ତି ଯେ, ଏହି ପରମ୍ପରା ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ମହତ୍ତ୍ୱ ରଖିଛି, କାରଣ ଦଶପଲ୍ଲାର କାଠକୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ନିର୍ମାଣ ପାଇଁ ଦିବ୍ୟ ଆଶୀର୍ବାଦପ୍ରାପ୍ତ ବୋଲି ବିଶ୍ୱାସ କରାଯାଏ।

## ହଉ ନାହିଁ କେନାଲ ସଫା ଚାଷୀ ଧାନ ଚାଷ ସକାଶେ ସଜ ବାଜ

ଗଜପତି, (ମହାଭାରତ) : ବର୍ତ୍ତମାନ ଖରିଫ ଋତୁ ସକାଶେ ଚାଷୀ ସଜବାଜ ହଉଛି। ଚାଷୀ ଧାନ ଚାଷ ସକାଶେ କେନାଲ ସଫା କରିବା ନିହାତି ଅବସିକିୟ ଅଟେ। କାରଣ କେନାଲ ସଫା ହେଲେ ଜମିକୁ ଜଳ ଯୋଗାଇ ହୋଇ ପାରିବ ଗତ ବର୍ଷ ଚାଷୀ କେନାଲ ସଫା ସକାଶେ ବି ଭାଗ କର୍ତ୍ତୃ ପକ୍ଷ କୁ ଅବଗତ କରିଥିଲେ ମଧ୍ୟ କର୍ଣ୍ଣ ପାତ କରୁ ନଥିଲେ । ଶେଷ ସମୟର କିଛି କେନାଲ ସଫା କରିଲେ ବର୍ତ୍ତମାନ୍ ସମୟ ଥାଉ ଥାଉ କେନାଲ ସଫା କରିଲେ ଚାଷୀ କୁଳ ଉପକୃତ ହୋଇ ପାରିବେ ।



## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍‌ର ସମ୍ବର୍ଦ୍ଧନା ସଭା



ଜୟପୁର, (ମହାଭାରତ) : ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖା ର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଜୟ ପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖା ର ସଭାପତି ଭାରତି ହୋତା ଙ୍କ ଅଧକ୍ଷତାରେ ଶ୍ରୀମତୀ ହୋତା ସଭାପତିତ୍ୱ କରିଥିଲାବେଳେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖା ସମ୍ପାଦକ ଶ୍ରୀ ଭାଗିରଥି ବାରିକ୍ ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଚନ୍ଦନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଶିକ୍ଷାର ମାନବୃଦ୍ଧି ନିମନ୍ତେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅନୁରୋଧ କରିବା ସହିତ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ନିଃସ୍ୱାର୍ଥପର ସେବାରେ ନିଜକୁ ନିୟୋଜିତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟମ୍ବଦା ପାତ୍ର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଓ ପଦ୍ମେଶ୍ୱର ବିଷୋୟୀ ବିଭାଗୀୟ ଅଧିକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ଜୟପୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ଜୟପୁର ଶାଖା ପକ୍ଷରୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ଅବସର ଗ୍ରହଣ କରିଥିବା ୫ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନ୍ଦ୍ର ପ୍ରଧାନ, ସଂଯୁକ୍ତା ତ୍ରିପାଠୀ, ପ୍ରତିଭା ଷଡ଼ଙ୍ଗୀ, ପଙ୍କଜିନି ସାହୁ ସବିତା ରାଣି ମଣ୍ଡଳ ଙ୍କୁ ଫୁଲ ତୋଡା, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମୁଖ୍ୟତଃ ହିସାବ ରକ୍ଷକ ସାନ୍ତୁନୁ ଜେନା, ରଞ୍ଜିତ ମହାନ୍ତି, ଲିପସା ମୁରଲି ସାହୁ, ସୁନିତା ନାୟକ, ଦିବ୍ୟା ତେଜା, ଶୁଭଶ୍ରୀ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ବରିଷ୍ଠ ଶିକ୍ଷକ ଶ୍ରୀ ସୁଧାକର ପଣ୍ଡା, କିରଣ ମହାରଣା, ସର୍ବେଶ୍ୱର ପଟ୍ଟନାୟକ, ଜ୍ୟୋତି ଶଙ୍କର ତ୍ରିପାଠୀ, ମୁରଲି ପରିଛା, ମହେଶ୍ୱର ମିଶ୍ର, ଶୁଶିଲ ପ୍ରେମ ନାଗ, ମୋନଜ ପାଳ, ଦିଲିପ ମିଶ୍ର, ସିଡି ସୁନା, ପ୍ରଶାନ୍ତ ରାଉଳ, ଜଗଦିଶ ମିଶ୍ର,ଶ୍ରୀମତୀ ରଶ୍ମିରେଖା ଗୌଡ, ସଂଯୁକ୍ତା ରାଉତ, ଚନ୍ଦନା ଦାଶ୍ ଙ୍କ ସମେତ ବହୁ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ. ପରି ଶେଷରେ ବାରିକ୍ ସମ୍ପାଦକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଭା ସାଙ୍ଗ କରିଥିଲେ।

## ରାଜ୍ୟସ୍ତରୀୟ ଅଗ୍ରଦୂତ ଛାତ୍ର ସମ୍ମିଳନୀ ଉଦଘାଟିତ

ଗଜପତି, (ମହାଭାରତ): ପାରଳାଖେମୁଣ୍ଡି ଶିକ୍ଷାଞ୍ଚଳ ରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର (ମାତୃପୀଠ) ଠାରେ ୩୬ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ଅଗ୍ରଦୂତ ପାଠଚକ୍ର ସମ୍ମିଳନୀ ଉଦଘାଟିତ ହୋଇଯାଇଛି।୪ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୩୫ ଗୋଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରୁ ପ୍ରାୟ ୩୫୦ ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ସମେତ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ବିଶିଷ୍ଟ ସାଧକ ଗଣ ଯୋଗ ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଦୀର୍ଘ ୩୫ ବର୍ଷ ଧରି ଆୟୋଜନ ହେଉଥିବା ବେଳେ ଗଜପତି ଜିଲ୍ଲା ରେ ଏହି ସମ୍ମିଳନୀରେ ପ୍ରଥମ ପାଇଁ ପାରଳାଖେମୁଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରାଧ୍ୟାପକ ମନମୋହନ ପାତ୍ର ଫୋଟୋଚିତ୍ର ପ୍ରଦର୍ଶନୀ ଉଦଘାଟନ କରିଥିବା ବେଳେ ଉଦଘାଟନୀ




ଉତ୍ସବରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ଉପସ୍ଥିତ ଯୁବ ମାତୃକର୍ମି ମାନଙ୍କୁ ନୂତନ ପୂର୍ଣ୍ଣାଙ୍ଗ ସମାଜ ଗଠନ ରେ ଅଗ୍ରଦୂତ ଭାବେ କାର୍ଯ୍ୟ କରି ଦେଶ ଗଠନ ସହ ସୁସ୍ଥ ରହି ସୁସ୍ଥ ସମାଜ ଗଠନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ର ଛାତ୍ରୀ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ କଟକ ମାତୃଭବନ ସମ୍ପାଦକ ପ୍ରସାଦ ତ୍ରିପାଠୀ, ପଣ୍ଡିଚେରୀ ଆଶ୍ରମ ଆରୋଭିଲ ରୁ ବରିଷ୍ଠ ସାଧକ ରାମନାରାୟଣ ପାତ୍ର, ବ୍ରହ୍ମପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଭାଗିରଥି ମହାପାତ୍ରଙ୍କ ସହ ମାତୃପୀଠ ସଭାପତି ବିଜୟ ମୁନି, ସମ୍ପାଦକ ଶ୍ରୀ ଗୌରହରି ପଟ୍ଟନାୟକ ଏବଂ ଅନୁଷ୍ଠାନ ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳି ଦାସ ପ୍ରମୁଖ ଶ୍ରୀଅରବିନ୍ଦଙ୍କ ଦର୍ଶନ ଏବଂ ଅଗ୍ରଦୂତଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଗ୍ରଦୂତ ରାଜ୍ୟ ଆବାହକ ସ୍ୱରାଜ ଭାଇ ଏଂ ବିଜୟାନନ୍ଦ ଭାଇ,ବିକାଶ ରଞ୍ଜନ ଭାଇ ମଂଚ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ସଦସ୍ୟ ଗିରିଶ ଚନ୍ଦ୍ର ଦାସ ବିଷୋୟୀ କୃତ୍ୟଜ୍ଞତା ଜ୍ଞାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୂରାତନ ଛାତ୍ରଛାତ୍ରୀ ଙ୍କ ସହ ଶିକ୍ଷାକେନ୍ଦ୍ରର ଶିକ୍ଷକ ଶିକ୍ଷୟତ୍ରୀ ଓ ପୂରାତନ ଶିକ୍ଷକ ମାନେ ପରିଚାଳନା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରକାଶିତ ଏକ ବାର୍ଷିକ ସ୍ମରଣିକା 'ଦା ପାୟୋନିର' ମୁଖ୍ୟ ଅତିଥି ଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲେ ବେଳେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## ମାଲକାନଗିରି ଜିଲ୍ଲାରେ ଆରମ୍ଭ ହେଲା ସନ୍ତରଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି, (ମହାଭାରତ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଜରୁରକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଯୁବପିଢୀଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଆଶିଷ ଈଶ୍ୱର ପାଟିଲ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଓ ଜରୁରୀକାଳୀନ ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ବେହେରା ମଞ୍ଚାସୀନ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପୀଢ଼ିଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨ ରୁ ୭ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ ମୋଟ ୩୦୦ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବଣ୍ଡା ବାକୁଲିଗୁଡ଼ା ବନ୍ଧରେ ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। କୋରାପୁଟରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। ଜରୁରୀ କାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## କୁଡୁମୀ ସେନାର ୧୩ ତମ ପ୍ରତିଷ୍ଠା ଦିବସ

ରାଇରଙ୍ଗପୁର, (ମହାଭାରତ): ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଜୁନ ୩ ତାରିଖରେ କୁଡୁମୀ ସେନା ର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି । ରାଇରଙ୍ଗପୁର ସ୍ଥିତ ମହୁଲଡିଆ ଡାକବଙ୍ଗଳା ଠାରେ ବାମନଘାଟି କୁଡୁମୀ ସେନା ପକ୍ଷରୁ୧୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା ।ଏହି ଜାତି କୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା ।କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲ ।ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସମ୍ପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖି ଆସୁଛନ୍ତି । ତ୍ତ୍ୱେ ଓଡିଶା ରେ କ୍ରାନ୍ତିକାରୀ ଯୁବ ନେତା ଜୈମୁନୀ ମହାନ୍ତ ଙ୍କ ନେତୃତ୍ୱ ରେ କୁଡୁମୀ ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରି ୨୦୧୨ ଜୁନ ୩ ରେ ସ୍ୱାଧୀନତା ସଂଗ୍ରାମୀ କାଳିଆ ମହାନ୍ତ ମାଟି ବେତନଟି ଠାରେ କୁଡୁମୀ ସେନା ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ, ଅର୍ଥନୈତିକ, ଭାଷା,ସଂସ୍କୃତି ର ସୁରକ୍ଷା ଓ କୁଡୁମୀ ଜାତି କୁ ପୁନଃ ଆଦିବାସୀ ତାଲିକା ରେ ସାମିଲ କରିବା ପାଇଁ ୧୨ ବର୍ଷ ଧରି ଜିଲ୍ଲା,ରାଜ୍ୟ ତଥା ଜାତୀୟ ସ୍ତର ରେ ଆୟୋଜନ କରି ଆସୁଛନ୍ତି । ଆଜିର ଦିନରେ ବାମନଘାଟୀ କୁଡୁମୀ ସେନା ଦାବୀ ହାସଲ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖିବା ପାଇଁ ଦୃଢ ପ୍ରତିଜ୍ଞା କଲେ । ଏହି ସଭାରେ କୁଡୁମୀ ଛାତ୍ର ସେନା ସଭାପତି ବରୁଣ କୁମାର ମହାନ୍ତ ଅନ୍ୟ ଛାତ୍ରନେତା ମାନଙ୍କ ମଧ୍ୟରୁ ସିପୁନ୍ ମହାନ୍ତ, ତୁଷାର ମହାନ୍ତ, ଗୌରବ ମହାନ୍ତ, ସ୍ୱାଗତ ମହାନ୍ତ, ବିଟୁ ମହାନ୍ତ ଉପସ୍ଥିତ ଥିଲେ । କୁଡୁମୀ ସେନା ଉପଦେଷ୍ଟା ସୁବାଷ ଚନ୍ଦ୍ର ମହାନ୍ତ, କୁଡୁମୀ ମହିଳା ସେନା ସଭାନେତ୍ରୀ ସୁଜାତା ମହାନ୍ତ, ଉପସଭାପତି ସୁମନା ମହାନ୍ତ, ସୌଭାଗ୍ୟ ମହାନ୍ତ, ସୁକୁମାରୀ ମହାନ୍ତ, ରାଇରଙ୍ଗପୁର ମୁନିସିପାଲିଟି ସଭାପତି ଭଜହରି ମହାନ୍ତ କୁଡୁମୀ ସେନା କାର୍ଯ୍ୟକର୍ତ୍ତା ଲକ୍ଷ୍ମୀଧର ମହାନ୍ତ, ରାଜା ମହାନ୍ତ, ଆନନ୍ଦ ମହାନ୍ତ, ବିରେନ୍ଦ୍ର ନାଥ ମହାନ୍ତ, କ୍ଷୀରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ସକ୍ରିୟ କର୍ମୀ ଯୋଗଦେଇଥିଲେ ।

## ମଣ୍ଡି ଆରମ୍ଭ ହେବାରେ ବିଳମ୍ବ ଦେଖି ପ୍ରତିବାଦ କଲେ ଚାଷୀ



କୁନ୍ଦୁରା, (ମହାଭାରତ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ରବି ଧାନ କ୍ରୟ କରିବାରେ ଅହେତୁକ ବିଳମ୍ବ ଘଟୁଥିବା ହେତୁ ଚାଷୀ ମାନେ ଉତ୍ୟକ୍ତ ହୋଇ ସମବାର ଅପରାହ୍ନରେ ଲ୍ୟାମ୍ପ କାର୍ଯ୍ୟାଳୟ ଘେରାଉ କରିବା ସହ ଲ୍ୟାମ୍ପସ ଭିତରେ ଧାନ ବସ୍ତା ରଖି ଦୃଢ଼ ପ୍ରତିବାଦ ଜଣାଇଛନ୍ତି । ଚାଷୀଙ୍କୁ ୨ ତାରିଖରେ ଟୋକନ ମିଳିଥିବା ସତ୍ତ୍ୱେ ରବି ଧାନ ମଣ୍ଡି କାହିଁକି ଖୋଲା ଯାଉ ନାହିଁ ବୋଲି ନାରାବାଜି କରିବା ସହ ଲ୍ୟାମ୍ପ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି । ଚାଷୀଙ୍କ ଅଭିଯୋଗ ମୁତାବକ ସପ୍ତାହେ ହେବ ଅଧିକାଂଶ ଚାଷୀ ରବି ଧାନ ଅମଳ କରି କିଏ ରାସ୍ତାରେ ତ ଆଉ କିଏ ନିଜ ନିଜ ଅଗଣାରେ ଗଦା କରି ରଖିଛନ୍ତି । କିଛିଦିନ ତଳେ ଲଘୁଚାପ ଜନିତ ବର୍ଷା ହେବାରୁ ଅନେକ ଚାଷୀଙ୍କ ଧାନ ବର୍ଷାରେ ଭିଜିଥିଲା । ବର୍ଷା ଭିଜା ଧାନକୁ ଶୁଖାଇବା ପାଇଁ ଚାଷୀ ମାନଙ୍କୁ ବହୁ ହଟହଟା ହେବାକୁ ପଡ଼ିଥିଲା। ପ୍ରାକ୍ ମୌସୁମୀ ଧୀରେ ଧୀରେ ଓଡ଼ିଶା ମୁହାଁ ହେଉଥିବା ବେଳେ ଧାନ କିଣା ଆରମ୍ଭ ହୋଇ ନ ଥିବାର ଶହ ଶହ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ରବି ଧାନ ବିକ୍ରି ପରେ ଧାର କରଜ ଶୁଝିବା ପରେ ଚାଷୀ ମାନେ ଖରିଫ୍ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ । ଡି ଏଲ୍ ପି ସି ବୈଠକରେ ସମସ୍ତଙ୍କ ସହମତିରେ ମେ ୨୫ ରେ ମଣ୍ଡି ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା କ୍ଷ ସେଥିରେ ଜନ ପ୍ରତିନିଧି (ବିଧାୟକ, ସାଂସଦ) ମଧ୍ୟ ଉପସ୍ଥିତ ଥିଲେ କିନ୍ତୁ ତାଙ୍କ ସମ୍ମତିକୁ ରକ୍ଷା ନ କରି ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଅଧିକାରୀ ନିଜ ଇଚ୍ଛା ମୁତାବକ ତାରିଖ ପରିବର୍ତ୍ତନ କରି ଥିବା ବେଳେ ଏ ନେଇ ଚାଷୀଙ୍କୁ କୌଣସି ପ୍ରକାର ସୂଚନା ଦିଆ ଯାଇନଥିଲା । କାହା ସ୍ୱାର୍ଥରେ ନିଜ ମନ ମୁତାବକ ତାରିଖ ପରିବର୍ତ୍ତନ କରାଗଲା ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅଗଣତାନ୍ତ୍ରିକ ଭାବେ ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ସୁ ଚିନ୍ତିତ ଲୁଣ୍ଠନ କରିବାର ଯୋଜନା କରୁଛନ୍ତି ତାହା ବନ୍ଦ କରି ଚାଷୀଙ୍କ ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଉ । ଧାନ ନ ଉଠିବା ପର୍ଯ୍ୟନ୍ତ ଲ୍ୟାମ୍ପ ରେ ଧାରଣା ଦିଆଯିବ ବୋଲି କୃଷକ କଲ୍ୟାଣ ମଞ୍ଚ ଜିଲ୍ଲା ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ କହିଛନ୍ତି । ଡି ଏଲ୍ ପି ସି ବୈଠକରେ ଚାଷୀଙ୍କ ସୁବିଧା ପାଇଁ ମଣ୍ଡି କେବେ ଆରମ୍ଭ ହେବ ଓ କେବେ ଶେଷ ହେବ ସେ ନେଇ ନିଷ୍ପତ୍ତି ହୋଇଥିଲା । ସେଠାରେ କୁନ୍ଦୁରା ବ୍ଲକରେ ୫୦ ପ୍ରତିଶତ ଧାନ ଅମଳ ହେଲାଣି, ଚାଷୀଙ୍କ ନିକଟରେ ଧାନ ଗଚ୍ଛିତ ରଖିବାର କୌଣସି ବ୍ୟବସ୍ଥା ନାହିଁ, ଚଳିତ ବର୍ଷ ଶୀଘ୍ର ମୌସୁମୀ ଆସୁ ଥିବାର ସୂଚନା ରହିଛି ଏଣୁ ତୁରନ୍ତ ମଣ୍ଡି ଖୋଲିବାକୁ ଜିଲ୍ଲା ପାଳଙ୍କୁ ଅନୁରୋଧ କରିଥିଲେ । ଏହାକୁ ଜିଲ୍ଲା ପାଳ ସମ୍ମତି ଜଣାଇ ଧାନ ଅମଳ ହୋଇ ସାରିଥିବା ଅଞ୍ଚଳର ମଣ୍ଡିରୁ ମେ ୨୫ ରୁ ଆରମ୍ଭ ହୋଇ ଜୁନ ଶେଷ ସୁଦ୍ଧା କିଣା ସରିବ ବୋଲି କହିଥିଲେ କ୍ଷ ଏହା କାର୍ଯ୍ୟକାରୀ ନ ହେବାରୁ ଗତ ୨୯ ତାରିଖରେ ଏକ ଟିମ୍ ସି ଏସ୍ ଓଙ୍କୁ ଭେଟିଥିଲେ । ଦୁଇ ଦିନ ପରେ ଅର୍ଥାତ ୧ ତାରିଖରେ ମଣ୍ଡି ଖୋଲାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା କହିଛନ୍ତି ବରିଷ୍ଠ ଚାଷୀ ନେତା ତଥା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ । ସୂଚନା ଥାଉକି, ଦୁଇ ତାରିଖ ଅର୍ଥାତ ଆଜି ଠାରୁ ଧାନ ବିକ୍ରି ପାଇଁ ଚାଷୀଙ୍କୁ ଟୋକନ ମିଳିଥିଲା ଓ ଏହି ଟୋକନ ଅନୁସାରେ ଆଜି ଫୁପୁଗାଁ ମଣ୍ଡିରୁ ଧାନ କିଣାଯିବାର ଥିଲା । ସେଠାରେ ଧାନ କିଣା ନ ଯିବାରୁ ଚାଷୀ ମାନେ ଲ୍ୟାମ୍ପରେ ଧାନ ଗଦାକରି ଧାନ କ୍ରୟ ରସିଦ୍ ନ ମିଳିବା ପର୍ଯ୍ୟନ୍ତ ଲ୍ୟାମ୍ପରୁ ଉଠିବେ ନାହିଁ ବୋଲି ବରିଷ୍ଠ ଚାଷୀ ରାଧାନାଥ ଭଙ୍ଗ, ଅମିତ ପଟ୍ଟନାୟକ, ଦାମୋଦର ଗଣ୍ଡା, ଗୌରାଙ୍ଗ ପ୍ରଧାନୀ, ସତ୍ୟବାନ ପାଣିଗ୍ରାହୀ, ଚିତ୍ରସେନ ଭୂମିଆ, ଭଜମନ ସାନ୍ତା, ସୁବାସ ଦାସ, ଅମରନାଥ ଭଙ୍ଗ, କୈଳାଶ ହରିଜନ ଏବଂ ଅନ୍ୟ ଚାଷୀ ମାନେ ଉପସ୍ଥିତ ଥିଲେ । ଏ ନେଇ ଏମ୍ ଡି ପର୍ଶୁରାମ ମହାରଣାଙ୍କୁ ପଚାରିବାରୁ ଆଜି ତାରିଖରୁ ଚାଷୀଙ୍କୁ ଟୋକନ ମିଳିଛି କିନ୍ତୁ କିଣିବା ନିମନ୍ତେ କିଛି ନିର୍ଦ୍ଦେଶ ନାହିଁ କିମ୍ବା ପିପା ସାଇଟ୍ ରେ ଏ ସମ୍ପର୍କୀୟ କିଛି ତଥ୍ୟ ନାହିଁ । ସରକାରୀ ଭାବେ ଆସନ୍ତା ୫ ତାରିଖ ଗୁରୁବାର ଦିନ ପ୍ରଥମ କରି ଦିଗାପୁର ମଣ୍ଡି ରୁ ଧାନ କିଣା ଯିବା ନେଇ ସୂଚନା ରହିଥିବା କହିଛନ୍ତି ।

## ବଡ଼ପାଟଣା ଗ୍ରାମପଞ୍ଚାୟତ ପରିଦର୍ଶନ କଲେ ଜିଲ୍ଲା ଅଧିକାରୀ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ରେ ଥିବା ଜିଲ୍ଲା ସ୍ତରୀୟ ରେ ଶ୍ରେଷ୍ଠ ପୁରସ୍କାର ବିଜେତା ବଡପାଟଣା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ କୁ ଜିଲ୍ଲା ସହକାରୀ ଅଧିକାରୀ ଙ୍କ ପରିଦର୍ଶନ କରିଛନ୍ତି । ଜିଲ୍ଲା ସହକାରୀ ଅଧିକାରୀ ଶ୍ରୀନିବାସ ସାହୁ ବଡପାଟଣା ଗ୍ରାମ ପଞ୍ଚାୟତ ପରିଦର୍ଶନ କରି ପଞ୍ଚାୟତ ବ୍ୟବସ୍ଥା ରେ ସରପଞ୍ଚ,ପଞ୍ଚାୟତ ଅଧିକାରୀ,ପଞ୍ଚାୟତ କୋଷାଧ୍ୟକ୍ଷ କକ୍ଷ ତଥା ଚତୁର୍ଥ କର୍ମଚାରୀ ଙ୍କ ଉପସ୍ଥିତି ଆକଳନ କରିଛନ୍ତି । ଏହା ବ୍ୟତୀତ ପଞ୍ଚାୟତ କୁ ଆସୁଥିବା ଲୋକ ମାନଙ୍କ ପ୍ରତି ସୁ-ବ୍ୟବସ୍ଥା କଣ ରହିଛି । ସରକାର ଙ୍କ ଯୋଜନା ଭିତ୍ତିକ କାର୍ଯ୍ୟ ବଡପାଟଣା ପଞ୍ଚାୟତ ଅନ୍ତର୍ଗତ ଗ୍ରାମ ଗୁଡ଼ିକ ରେ କେତେ ଉନ୍ନତି ମୂଳକ କାର୍ଯ୍ୟ ହୋଇଛି । ତାହା ଲୋକ ମାନେ କେତେ ପାଇ ଉପକୃତ ହୋଇଛି । ଯୋଜନା ରେ ଅନ୍ତଭୁକ୍ତ ରେଜିଷ୍ଟର ଗୁଡ଼ିକ ପଞ୍ଚାୟତ ଅଧିକାରୀ ତପନ କୁମାର ମହାନ୍ତ ଓ କୋଷାଧ୍ୟକ୍ଷ ନିହାର ରଞ୍ଜନ ପରିଡ଼ା ଙ୍କ ନିକଟ ରୁ ଦେଖି ଯାଞ୍ଚ କରିଥିଲେ । ପଞ୍ଚାୟତ ମଧ୍ୟରେ ଲୋକ ମାନଙ୍କ ପାଇଁ ପିଇବା ପାଣି,ଶୌଚ,ଅପେକ୍ଷା କକ୍ଷ ରହିଛି କି ନାହି ତାହା ଉପରେ ଜିଲ୍ଲା ଅଧିକାରୀ ବୁଝିବା ସହିତ ପରୋକ୍ଷୀ ଦେଖିବା ସହ ବଡପାଟଣା ସରପଞ୍ଚ ବିନତୀ ବାନରା ଙ୍କ ସହିତ ଜିଲ୍ଲା ସହକାରୀ ଅଧିକାରୀ ସାକ୍ଷାତ କରି ତାଙ୍କ ପଞ୍ଚାୟତ ବାସୀ ଙ୍କ ପ୍ରତି ଉତ୍ତମ କାର୍ଯ୍ୟ କରିବା ସହ ସୁ-ଶାସନ ରେ ଯୋଗୁ ଜିଲ୍ଲା ସ୍ତରରେ ଶ୍ରେଷ୍ଠ ଗ୍ରାମପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିବା ଓ ପଞ୍ଚାୟତ ବାସୀ ପ୍ରଂଶସା ଜଣେ ପାତ୍ରି ହୋଇ ପାରିଥିବା କହିଛନ୍ତି । ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ସହକାରୀ ର୍ନିବାହ ଯନ୍ତ୍ରୀ ସିଦ୍ଧ ମାଝି, ପଞ୍ଚାୟତ ଅଧିକାରୀ ଭବାନୀ ଶଙ୍କର ନନ୍ଦ, ଚତୁର୍ଥ ଶ୍ରେଣୀ କର୍ମଚରୀ ରବୀନ୍ଦ୍ର କାରୁଆ ଉପସ୍ଥିତି ଥିଲେ ।

# ବନ୍ଧୁକ କାରଖାନା ଠାବ : ତିନି ଗିରଫ

## ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରିରେ ବ୍ୟବହୃତ ବହୁ ସରଞ୍ଜାମ ଜବତ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ପୁଲିସ ବଡ଼ ସଫଳତା ମିଳିଛି । ଦଶପଲ୍ଲା ଥାନା ଅଞ୍ଚଳରେ ରେଡ୍ ବେଳେ ବନ୍ଧୁକ କାରଖାନା ଠାବ ସହ ତିନି ଜଣଙ୍କୁ ଗିରଫ କରିଛି ଦଶପଲ୍ଲା ଥାନା ପୁଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ସହ ବନ୍ଧୁକ ତିଆରିରେ ବ୍ୟବହୃତ ବହୁ ସରଞ୍ଜାମ ଜବତ କରିଛି ଦଶପଲ୍ଲା ପୁଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ଦଶପଲ୍ଲା ଦୁଆର ଗାଁ ର ରାଜେଶ ପ୍ରଧାନ, ମଧ୍ୟଖଣ୍ଡ ଗାଁ ର ତପନ ପରିଡା ଏବଂ ଗଡଭିତର ସାହିର ଗୋବର୍ଦ୍ଧନ ପରିଡା । ଅନ୍ୟଜଣେ ଅଭିଯୁକ୍ତ ବିଭୁତି ପରିଡା ଫେରାର୍ ହୋଇ ଯାଇଛି । ଆଜି ଭୋରରୁ ନୟାଗଡ ଏବଂ ଦଶପଲ୍ଲା ପୁଲିସ ମିଳିତ ଭାବେ ଦଶପଲ୍ଲାର ଦୁଆର ଗାଁ ମଧ୍ୟଖଣ୍ଡ ଏବଂ ଗଡଭିତର ସାହିରେ ଚଢାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ବନ୍ଧୁକ ତିଆରି ସରଞ୍ଜାମ ଏବଂ ଦେଶି ବନ୍ଧୁକ ଆଦି ଜବତ କରିଥିଲା ପୁଲିସ । ଅଭିଯୁକ୍ତ ମାନେ ଦୀର୍ଘଦିନ ହେଲା ଏହିଭଳି ବେଆଇନ ଭାବେ ବନ୍ଧୁକ ତିଆରି କରୁଥିବା ପୁଲିସ ପାଖରେ ଖବର ପହଞ୍ଚିବା ପରେ ରେଡ୍ କରିଥିଲା ନୟାଗଡ଼



ପୁଲିସ । ଏହି କାର୍ଯ୍ୟରେ ଅନ୍ୟ କିଏ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଚାଲିଛି ବୋଲି ନୟାଗଡ ଏସ୍ପି ଏସ୍ ସୁଶ୍ରୀ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି । ଅଭିଯୁକ୍ତ ବିଭୁତି ପରିଡା ବାହାରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏହି ବେଆଇନ ବନ୍ଧୁକ ତିଆରି କରିବା ସହ ବିକ୍ରି ରେ ଜଣେ ପୂର୍ବତନ ସରପଞ୍ଚ ଫକୀର ଦଳେଇଙ୍କୁ ଦଶପଲ୍ଲା ପୁଲିସ ପ୍ରଥମେ ଅଟକ ରଖିଥିଲା ବୋଲି ସୂଚନା ମିଳିଥିବା ବେଳେ କେଉଁ କାରଣରୁ ପୁଲିସ ପୂର୍ବତନ ସରପଞ୍ଚ ଙ୍କୁ ଛାଡି ଦେଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ପାଲଟିଛି । କାହାର ଚାପରେ ଦଶପଲ୍ଲା ପୁଲିସ ପୂର୍ବତନ ସରପଞ୍ଚ ଙ୍କୁ ଛାଡିଦେଲା ଏହା ଏବେ ଚର୍ଚ୍ଚା ଯୋର ଧରିଛି ।

## ଇଫକୋ ପାରାଦୀପ ୟୁନିଟ ରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ



ପାରାଦୀପ(ମହାଭାରତ): ଇଫକୋ ପାରାଦୀପ ୟୁନିଟ ରେ ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ମହୋତ୍ସବ ୨୦୨୫ ଜୁନ ୨ ତାରିଖ ଠାରୁ ମହା ସମାରୋହ ରେ ଆରମ୍ଭ ହୋଇଛି । ସାତଦିନ ବ୍ୟାପି ଏହି ମହୋତ୍ସବ ପ୍ରଥମ ଥର ପାଇଁ ପାରାଦୀପ ଠାରେ ଆୟୋଜିତ ହେଉଅଛି । ଏହି ସାଂସ୍କୃତିକ ମହୋତ୍ସବ କୁ ଇଫକୋ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ଏବଂ ତାଙ୍କ ସହଧର୍ମିଣୀ ଗୀତା ବେନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ସମେତ ଅନ୍ୟ ଅଧିକାରୀ ମାନେ ଅଧ୍ୟକ୍ଷ ଦିଲୀପ ସାଙ୍ଘାନୀ ଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରି ଆନନ୍ଦ ପ୍ରକାଶ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ନିଜ ବକ୍ତବ୍ୟରେ କହିଥିଲେ ଯେ ଇଫକୋ ଆନ୍ତଃ ଶାଖା ମଧ୍ୟରେ ଏହି ସାଂସ୍କୃତିକ ମହୋତ୍ସବ ପରସ୍ପର ସଂସ୍କୃତି ବିନିମୟ ଓ ଏକ୍ୟବଦ୍ଧତା ସୃଷ୍ଟି କରିବ । ଏହି ଉତ୍ସବ ପାଳନ ଦ୍ୱାରା ଇଫକୋ ପରିବାର ସୁଦୃଢ ହେବା ସହ ଆମ ମଧ୍ୟରେ ଆତ୍ମୀୟତା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ କହିଥିଲେ । ସେ କହିଥିଲେ ଯେ ଇଫକୋ କେବଳ ଅର୍ଥ ଉପାର୍ଜନ କରିବାର ଏକ ସଂସ୍ଥା ନୁହେଁ, ଏହା ଭାରତ ସରକାର ଙ୍କ ସହଯୋଗରେ କୃଷକ ଙ୍କ ସେବା ଓ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ନିମିତ୍ତ ଏକ ଅନୁଷ୍ଠାନ । ତେବେ ପ୍ରଥମେ ଇଫକୋ ଦ୍ୱାରା ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡ଼ିଏପି ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରି ଭାରତ ପାଇଁ ଗୌରବ ଆଣିବା ସହିତ ଏହାର ପ୍ରୟୋଗ କୃଷକ ମାନଙ୍କ ପାଇଁ ବେଶ ଉପାଦେୟ ହୋଇପାରିଛି । ଏହି ଅବସରରେ ଇଫକୋ ର ପ୍ରତିଷ୍ଠାତା ଡ଼ଃ. ୟୁ.ଏସ. ଅବସ୍ତି ଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ଦୁରଦୃଷ୍ଟି ଓ ଦିଗଦର୍ଶନ ଇଫକୋ କୁ ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ଇଫକୋ ଅଧ୍ୟକ୍ଷ ଶ୍ରୀ ସାଙ୍ଘାନୀ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଇଫକୋ ଫୁଲପୁର ୟୁନିଟ ମୁଖ୍ୟ ସଞ୍ଜୟ କୁଦେଶିଆ ସସ୍ତ୍ରୀକ ଯୋଗଦେଇଥିବା ବେଳେ ପାରାଦୀପ ଇଫକୋ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଧିକାରୀ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ମହୋତ୍ସବ ରେ ପାରାଦୀପ ଇଫକୋ ସମେତ ଫୁଲପୁର, କଲୋଲ, ଆଅଁଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଙ୍ଗ ର ପ୍ରତିନିଧି ମାନେ ଅଂଶଗ୍ରହଣ କରିଥିଲେ ।

## ପାରାଦୀପରେ ବ୍ୟାଡ଼ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ



ପାରାଦୀପ (ମହାଭାରତ): ପାରାଦୀପ ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଦୀର୍ଘ ଏକମାସ ଧରି ଚାଲିଥିବା ବ୍ୟାଡ଼ମିଣ୍ଟନ ଗ୍ରୀଷ୍ମକାଳୀନ ଶିବିର ସୋମବାର ଦିନ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଦିବସରେ ଜଗତସିଂହପୁର କ୍ରୀଡା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସମର ଶିବିରରେ ୬୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କୋଚ ସ୍ୱାଗତିକା ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ଏକମାସ ଧରି ଏହି ବ୍ୟାଡ଼ମିଣ୍ଟନ ସମର ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଥିଲା ।

## ଶିତଳଷଷ୍ଠୀ ଉପଲକ୍ଷେ ବାଦଦଣ୍ଡ ପ୍ରତିଯୋଗିତା



ଅନୁଗୋଳ (ମହାଭାରତ):ବଣ୍ଟଁରପାଳ ବ୍ଲକ କାଣ୍ଡସର ପଞ୍ଚାୟତରେ ଥିବା ବାବା କପିଳେଶ୍ୱର ମନ୍ଦିରରେ ଶିତଳଷଷ୍ଠୀ ଉପଲକ୍ଷେ ବାଦଦଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ତିନିଦିନ ଧରି ଚାଲିଥିଲା ବେଳେ ଆଜି ଉଦ୍ୟାପନୀ ଉତ୍ସବ ଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ସୋଲଡା ସହ ସରପା ଥିଲା । ଏଥିରେ ସୋଲଡା ପ୍ରଥମ ଦଳ ଭାବରେ ଫାଇନାଲକୁ ଉତିର୍ତ୍ତ ହୋଇଥିଲା । ଦ୍ୱିତୀୟ ଦିନରେ ଶିରିଗିଡ଼ା ସହ ଲକେଇପଶି ଥିଲା । ଏଥିରେ ଦ୍ୱିତୀୟ ଦଳ ଭାବେ ଶିରିଗିଡା ଭଲ ପ୍ରଦର୍ଶନ କରି ଫାଇନାଲ ଯାଇଥିଲା । ଫାଇନାଲରେ ସୋଲଡା ୧୦୯ ପଏଣ୍ଟ□ ପାଇଥିବା ବେଳେ ଶିରିଗିଡା ୧୧୧ ପଏଣ୍ଟ□ ପାଇ ପ୍ରଥମ ସ୍ଥାନ ଅଧିକାର କରି ବିଜୟୀ ହୋଇଥିଲା । ପ୍ରଥମ ବିଚାରକପତି ଭାବରେ ଅନାଦି ନାଏକ,ନିମେଇଁ ଚରଣ ନାଏକ, ଦ୍ୱାରିକାନାଥ ବେହେରା କାର୍ଯ୍ୟ ତୁଲାଇ ଥିଲେ । ଏହି ଉତ୍ସବରେ ମୂଖ୍ୟ ଅତିଥିଭାବେ କାଣ୍ଡଶର ବିଜେପି ପଞ୍ଚାୟତ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଆଇନ୍ଜିବୀ ସୁଶାନ୍ତ ମିଶ୍ର, ଅଜୟ ସାହୁ , ବାମଦେବ ସେଠ ପ୍ରମୁଖ ବିଜୟୀ ଦଳକୁ ଟ୍ରଫି ସହ ଏକ ବାଜାଜ ପ୍ଲାଣ୍ଟିନା ୧୧୦ ସିସି ମୋଟର ସାଇକେଲ ଓ ଉପ ବିଜେତା ଦଳକୁ ଟ୍ରଫି ସହ ବାଜାଜ ପ୍ଲାଣ୍ଟିନା ୧୦୦ ସିସି ମୋଟର ସାଇକେଲ ପ୍ରଦାନ କରାଯାଇଥିଲା । ଏହି ସଫଳତା ଦିଗରେ ସନାତନ ନାଏକ, ବିଷ୍ଣୁ ଚରଣ ବେହେରା , ଶ୍ରୀକାନ୍ତ ସାହୁ, ରାମଚନ୍ଦ୍ର ସାହୁ, ରାଜୁ ଓ ଅଭୟ ପ୍ରମୁଖ କାଣ୍ଡସର ଗ୍ରାମର ସମସ୍ତ କଳାପ୍ରେମିଙ୍କ ସହଯୋଗରେ ସମାପନ ହୋଇଥିଲା ।

## କାଠ ଗାଡ଼ି ଜବତ କଲା ନିଆଳି ପୋଲିସ



ନିଆଳି;( ମହାଭାରତ ) ଜଗତସିଂହପୁର ଜିଲ୍ଲାରୁ ଭାୟା ଶିଖରଘାଟ ବ୍ରିଜ୍ ଦେଇ ପୁରୀ ଜିଲ୍ଲାର କାକଟପୁର, ଗୋପ, ନିମାପଡ଼ା, ଚରିଛକ, ତୁଳସୀପୁର ସେହିପରି ନିଆଳି ଅଞ୍ଚଳକୁ ଚୋରା କାଠ ଚାଲାଣର ଦୈନିକ ଖବରକାଗଜ ମହାଭାରତ ରେ ୨୭.୦୫.୨୦୨୫ ଖବର ପ୍ରସାରଣ ପରେ ଗତକାଲି ନିଆଳି ପୋଲିସ ଆକ୍ସନ ମୁଡ଼କୁ ଆସିଛି । ଶିଖର ଘାଟ ଦେଇ ନିଆଳି ଅଞ୍ଚଳରୁ ଏକ ସ୍ୱରାଜ ଟ୍ରାକ୍ଟର ଯାହାର ଗାଡି ନଂ ଓଡ଼ ୦୨ ଇଣ ୫୦୬୯ ଗାଡି ଆସୁଥିବା ଦେଖି ନିଆଳି ପୋଲିସ କାବୁ କରିଥିଲା । ଗାଡ଼ିରେ ହାଇ ସିକୁରୀଟି ନମ୍ବର ପ୍ଲେଟ ନଥିବା ବେଳେ ହାତ ଲେଖା ନମ୍ବର ପ୍ଲେଟ ଦେଖିବାକୁ ମିଳିଛି । ଉକ୍ତ ଟ୍ରାକ୍ଟରରେ ଡ୍ରାଇଭର ସହ ହେଲ୍ପରକୁ ମଧ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି । ଶିଖରଘାଟ ଦେଇ ଟ୍ରାକ୍ଟର ଯୋଗେ ପ୍ରତିଦିନ ଦଶରୁ ଉର୍ଦ୍ଧ ଗାଡି କାଠ ଚୋରା ଚାଲାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ । ଟ୍ରାକ୍ଟର ଗୁଡ଼ିକରେ ଗମ୍ଭାରୀ, ଚାଖୁଣ୍ଡା, ପଟାଶ, ତେନ୍ତୁଳି, ଆମ୍ବ, ଶାଗୁଆନ ଆଦି ବହୁ ମୋଟା ମୂଲ୍ୟବାନ କାଠ ଗଣ୍ଡି ଚୋରା ଚାଲାଣ କରାଯାଇଥାଏ । ନିଆଳି ଅଞ୍ଚଳର ଶେଷ ସୀମାବର୍ତ୍ତି ଅଞ୍ଚଳ ହେଇଥିବାରୁ କାଠ ମାଫିଆ ଓ ଚୋରା ସମିଲ୍ ମାଲିକଙ୍କ ଚୋରା ପିରତୀରେ ଚାଲିଥିଲା । ନିଆଳି ପୋଲିସର ଅତର୍କିତ ଚଢ଼ାଉ ଶୁଣି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡି ହେଲେ ଏହା ସମ୍ପୂର୍ଣ୍ଣ କାଠ ଚୋରା ଚାଲାଣ ବନ୍ଦ ହୁଅନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି । ଏହି ମୂଲ୍ୟବାନ କାଠ ଗୁଡିକ ଚୋରା କରତ କଳକୁ ଚାଲାଣ କରାଯାଇଥାଏ ।

## ବିକଶିତ ଗାଁ, ବିକଶିତ ଓଡ଼ିଶାର ପ୍ରସ୍ତୁତି ବୈଠକ

ରେଙ୍ଗାଲିକ୍ୟାମ୍ପ: ଅତାବିରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକଙ୍କ ସଭାପତିତ୍ୱରେ ବିକଶିତ ଗାଁ, ବିକଶିତ ଓଡ଼ିଶାର ବାର୍ଷିକ କାର୍ଯ୍ୟ ଖସଡ଼ା ୨୦୨୫/୨୬ ପ୍ରସ୍ତୁତି ନିମନ୍ତେ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଧାୟକ ନିହାର ମହାନନ୍ଦ, ସାଂସଦ ପ୍ରତିନିଧି କୁଶ କୁମ୍ଭାର, ଉପାଧ୍ୟକ୍ଷ ଅନନ୍ତ ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନା, ପଞ୍ଚାୟତ ଅଧିକାରୀ ମହମ୍ମଦ ଆକବର,ଅତିରିକ୍ତ ସହକାରୀ ଯନ୍ତ୍ରୀ ମନିଶିବା ମହାପାତ୍ର ମଞ୍ଚାସୀନ ଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୀରିନ୍ଦ୍ର ସାହୁ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ବ୍ଲକ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତ ଗୁଡିକରେ ଥିବା ସମସ୍ୟା ଗୁଡ଼ିକ ଉପରେ ଆଲୋଚନା, ସେଗୁଡ଼ିକର ସମାଧାନ ଦିଗରେ ରହିଥିବା ସରକାରୀ ଯୋଜନା, କାର୍ଯ୍ୟପ୍ୟା ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯିବା ସହ ଗ୍ରାମ ଗୁଡ଼ିକର ବିକାଶ କରି ବିକଶିତ ଓଡ଼ିଶା ଗଠନ କରିବା ଲକ୍ଷ୍ୟକୁ ସାକାର କରିବା ପାଇଁ ଆଲୋଚନା ହୋଇଥିଲାୟ ପ୍ରାଥମିକତା ଭିତ୍ତିରେ ପ୍ରକଳ୍ପ ଚୟନ କରାଯାଇ କାର୍ଯ୍ୟ ଖସଡ଼ା ପାରିତ ହୋଇଥିଲା ।

## ଚିକିତ୍ସାଧୀନ ଅବସ୍ଥାରେ ଏଡିଓ ଙ୍କ ଦେହାନ୍ତ

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମପଞ୍ଚାୟତ ମାଙ୍କଡ଼ବେଡା ଗ୍ରାମର ଜିତେନ୍ଦ୍ର ନାଥ ମହାନ୍ତ ଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ର ଏକ ଘୋରେଇ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦେହାନ୍ତ ହୋଇଛି । ସେ ଯଶିପୁର ବ୍ଲକ ଟଙ୍ଗାବିଲା ଗ୍ରାମପଞ୍ଚାୟତ ର ଏଡିଓ ଭାବରେ କାର୍ଯ୍ୟରତ ଥିଲେ । ସେ ଗତ ୨୦୦୭ ମସିହା ରୁ ଗ୍ରାମ ରୋଜଗାର ସେବକ ଭାବରେ ଠାକୁରମୁଣ୍ଡା ବ୍ଲକ ର ଚମ୍ପାଝର,ଧାତକିଡ଼ିହା,ଦିଗଧର, ମହୁଲଡ଼ିହା ଗ୍ରାମପଞ୍ଚାୟତ ଗୁଡିକରେ କାର୍ଯ୍ୟ କରିଥିଲେ । ପରେ ୨୦୨୪ ମାର୍ଚ୍ଚ ମାସରେ ପଦୋନ୍ନତି ପାଇ ଏଡିଓ ଭାବରେ ଯଶିପୁର ବ୍ଲକ ରେ କାର୍ଯ୍ୟ କରି ଆସୁଥିଲେ । ଯଶିପୁର ରେ ଥିବା ବେଳେ ଅସୁସ୍ଥତା ଅନୁଭବ କରିବାରୁ ଗତ ୨୮ ତାରିଖ ଦିନ ଘରକୁ ଆସିଥିଲେ । ଘରେ ଦେହ ଅଧିକ ଅସୁସ୍ଥ ହେବାରୁ ଭୁବନେଶ୍ୱର ଠାରେ ଥିବା ହାଇଟେକ ମେଡ଼ିକାଲ ରେ ଚିକିତ୍ସା ପାଇଁ ପରିବାର ଲୋକେ ଭର୍ତ୍ତି କରିଥିଲେ । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ର ମର ଶରୀର ତାଙ୍କ ଘରକୁ ଆସିବା ପରେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା,ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ଯଶିପୁର ବ୍ଲକ ଏପିଓ ବିମଳ ମହାପାତ୍ର, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ନାଏକ ସମେତ ଟଙ୍ଗାବିଲା ପଞ୍ଚାୟତ ର ସରପଂଚ, ବ୍ଲକ ର ଏଡିଇଓ ସହ କରଞ୍ଜିଆ କପ୍ତିପଦା ଏଡିଇଓ, ତରାମର ସରପଂଚ ବ୍ରହ୍ମାନନ୍ଦ ଦେହୁରୀ,ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ, ବ୍ଲକ ଏପିଓ ଧ୍ୟାନଚାନ୍ଦ ମହାନ୍ତ ଓ କର୍ମଚାରୀ , ସାଙ୍ଗ ସାଥି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ତାଙ୍କ ଏହି ଅକାଳ ବିୟୋଗ ରେ ଶୋକ ଶନ୍ତାପ ପରିବାର କୁ ସାନ୍ତ୍ୱନା ଦେଇଥିଲେ ।

## କାମ ନ ପାଇ ଦାଦନମୁହାଁ ଶ୍ରମିକ : ବର୍ଷ କୁ ବର୍ଷ କମୁଛି ମନରେଗା ବ୍ୟୟ ବରାଦ

ନୟାଗଡ଼, ( ମହାଭାରତ ) : ବିଜେପି ସରକାରଙ୍କ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ନେଇ ଚକ୍ରାନ୍ତ ଜଳ ଜଳ ଦେଖାଯାଉଛି । ମନରେଗା ବ୍ୟୟ ଅଟକଳ ବର୍ଷ କୁ ବର୍ଷ କମି ଚାଲିଥିବା ବେଳେ ଶ୍ରମିକ ମାନେ କାମ ନପାଇ ଦାଦନ ମୁହାଁ ହେଉଛନ୍ତି । ନୟାଗଡ ଜିଲ୍ଲାର ବିଗତ ପାଞ୍ଚ ବର୍ଷର ମନରେଗା ବ୍ୟୟ ଅଟକଳକୁ ଲକ୍ଷ୍ୟ କଲେ ଜିଲ୍ଲାରେ ପ୍ରତ୍ୟେକ ବର୍ଷ ଏହା କମି କମି ଯାଉଛି । ନୟାଗଡ ଜିଲ୍ଲାରେ ଗତ ୨୦୨୦-୨୧ ମସିହାରେ ୧୨୩ କୋଟି ୩୪ ଲକ୍ଷ ଟଙ୍କା ମନରେଗା ଯୋଜନାରେ ବ୍ୟୟ କରାଯାଇଥିଲା । ୨୦୨୧-୨୨ ମସିହାରେ ତାହା ବୃଦ୍ଧି ପାଇ ୧୨୬ କୋଟି ୭୦ ଲକ୍ଷରେ ପହଞ୍ଚିଥିଲା । ୨୦୨୨-୨୩ ମସିହାରେ ଏଥିରେ ଅନେକ ହ୍ରାସ ଘଟିଥିଲା । ୨୦୨୨-୨୩ ମସିହା ୮୮ କୋଟି ୮୫ ଲକ୍ଷ ଖର୍ଚ୍ଚ ବ୍ୟୟ ହୋଇଥିଲା । ୨୦୨୩-୨୪ ମସିହାରେ ର୍ନିବାଚନକୁ ଦୃଷ୍ଟିରେ ରଖି ସାମାନ୍ୟ ବ୍ୟୟ ବୃଦ୍ଧି ହୋଇ ୧୦୬ କୋଟି ୭ ଲକ୍ଷ ବଢ଼ିଥିଲା । ଗତବର୍ଷ ତଥା ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ବ୍ୟୟ ୮୫



କୋଟି ୩୬ ଲକ୍ଷକୁ ହ୍ରାସ ହୋଇଥିବା ବେଳେ ୨୫-୨୬ ମସିହାରେ ୭୦ କୋଟିରୁ କମ ହେବ ବୋଲି ଅନୁମାନ କରାଯାଉଛି । ଜିଲ୍ଲାରେ ମନରେଗା କାମ ମଧ କରିବାକୁ ସାହାସ ଜୁଟାଇ ପାରୁ ନାହାନ୍ତି ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷ । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବିଭିନ୍ନ ଗାଁରେ ପୋଖରୀ ଖୋଳା, ପାର୍କ ର୍ନିମାଣ, ମାଟି ରାସ୍ତା ର୍ନିମାଣ ଠାରୁ ଆରମ୍ଭ କରି ଅନେକ କାର୍ଯ୍ୟ କରାଯିବାର ଆବଶ୍ୟକତା ରହିଥିବା ବେଳେ ଏବେକାର ସ୍ଥିତିରେ ସେ ସବୁକୁ ଆରମ୍ଭ କରିବା ସପକ୍ଷରେ ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷ ନାହାନ୍ତି । ଗାଁ ଗାଁ ରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ସ୍ଥିତି ପାଇଁ ମନରେଗା କାର୍ଯ୍ୟରେ ମ୍ୟରତା ସୃଷ୍ଟି ହେଉଛି । ଯାହାର ପ୍ରଭାବ ସିଧାସଳଖ ଗରୀବ ଓ ଖଟିଖିଆଙ୍କ ଉପରେ ପଡୁଛି । ଜିଲ୍ଲାରେ ବିକାଶ ମୂଳକ କାର୍ଯ୍ୟ ଠପ ହୋଇଯାଇଥିବା ବେଳେ ଶ୍ରମିକ ଶ୍ରେଣୀ ର ଲୋକେ କାମ ପାଇବା ଆଶା ସମ୍ପର୍ଣ୍ଣ ବନ୍ଦ ହୋଇଯାଇଛି । ବିଜେପି ସରକାର ଆସିବା ପରେ ଗାଁ ଗହଳୀରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ଏକରକମ ବନ୍ଦ ହୋଇଯାଇଛି । ଏହାସହ ଲଘୁ ଖଣିଜ ଦ୍ରବ୍ୟ ଅଭାବ ବଡ ସମସ୍ୟା ସୃଷ୍ଟି କରିଛି । ଫଳରେ ବିକାଶ ମୂଳକ କାର୍ଯ୍ୟ ହୋଇପାରୁନାହିଁ । ଶ୍ରମିକ, ରାଜମିସ୍ତ୍ରୀ, ରଙ୍ଗମିସ୍ତ୍ରୀ, ପାଇପ ମିସ୍ତ୍ରିଙ୍କ ଠାରୁ ଆରମ୍ଭ କରି ଠିକାଦାର ପର୍ଯ୍ୟନ୍ତ ସମସ୍ତେ ହାତ ବାନ୍ଧି ବସିଛନ୍ତି । ନୟାଗଡ ଜିଲ୍ଲାରେ ଗୋଟିଏ ପୌର ପରିଷଦ, ଚାରିଟି ଏନ୍ଏସି, ଆଠଟି ବ୍ଲକ ଅଧୀନରେ ୧୯୬ ପଞ୍ଚାୟତ ରହିଛି । ପଞ୍ଚାୟତର ବିଭିନ୍ନ ଗାଁରେ ର୍ନିବାଚନ ପୂର୍ବରୁ ଯାହା ବିକାଶ ମୂଳକ କାର୍ଯ୍ୟ ହୋଇଥିଲା ତାହା ର୍ନିବାଚନ ପରେ ନୂତନ ପ୍ରକଳ୍ପକୁ ମଞ୍ଜୁରୀ ମିଳୁନାହିଁ । ବ୍ଲକ ଅଧୀନରେ ସିଏଫସି, ଏସ୍ଏଫସି, ବିଧାୟକ ହାତପାଣ୍ଠି, ସାଂସଦ ହାତପାଣ୍ଠି, ଡିଭୋଲେସନ୍ ଫଣ୍ଡ, ଗ୍ରା□ଇନଏଡ୍ ଫଣ୍ଡ ସହିତ ମରାମତି ପାଣ୍ଠି ମଧ୍ୟ ଏବେ ଅଭାବ ରହିଛି । ବ୍ଲକ ଓ ପଞ୍ଚାୟତ ଅଧୀନରେ ଗୋଟିଏ ବି କାମ ହୋଇପାରୁନାହିଁ । ଆମ ଓଡିଶା, ନବୀନ ଓଡିଶା ଯୋଜନାରେ ଅନୁମୋଦିତ ପ୍ରକଳ୍ପ ର ଅଧା ପ୍ରକଳ୍ପ ବନ୍ଦ କରି ଦିଆଯାଇଥିବା ବେଳେ ସରକାର ନୂତନ ପ୍ରକଳ୍ପ କେବେ କାର୍ଯ୍ୟକାରି କରିବେ ବୋଲି ପ୍ରଶ୍ନ ଉଠିଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠି ମଞ୍ଜୁରୀରେ ପାତର ଅନ୍ତର ବଡ ସମସ୍ୟା ସୃଷ୍ଟି କରିଛି । ନୟାଗଡ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ହେଉଥିବା ବିକାଶ ମୂଳକ କାର୍ଯ୍ୟ ଗୁଡିକ ପାଇଁ ପାଣ୍ଠି ଅଭାବ ବଡ ସମସ୍ୟା ସୃଷ୍ଟି କରିଛି । ପାଣ୍ଠି ଅଭାବ ପାଇଁ ଠିକାଦାର ମାନେ କରିଥିବା କାମ ଗୁଡିକର ବିଲ ପାଉନଥିବା ବେଳେ ଶହ ଶହ ସଂଖ୍ୟାରେ ପ୍ରକଳ୍ପ ଅଧା ଅଧୁରା ଅବସ୍ଥାରେ ପଡି ରହିଛି । ବିଭିନ୍ନ ସ୍ଥାନରେ ର୍ନିମାଣ କରାଯାଉଥିବା ରାସ୍ତା, ପୋଲ, କୋଠାବାଡି କାମ ଆଗେଇ ପାରୁନାହିଁୟ ଏବେ ଜିଲ୍ଲାରେ ସୃଷ୍ଟି ହୋଇଥିବା ସମସ୍ୟା ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା ଦେଖାଦେଇଛି । ପେଟପାଟଣା ପାଇଁ ଦୈନିକ କାମ କରୁଥିବା ଶ୍ରମିକ ମାନେ କାମ ନପାଇ ହାହାକାର ପରିସ୍ଥିତିରେ ପହଞ୍ଚିଛନ୍ତି । ଫଳରେ ସେମାନେ ବାହାର ରାଜ୍ୟକୁ ଦାଦନ ଖଟି ଯିବାକୁ ବାଧ୍ୟ ହେବେ ବୋଲି ମତ ପ୍ରକାଶ ପାଇଛି ।

# ମେଲୋନିଙ୍କୁ ସାହାଯ୍ୟ ମାଗିଲା ପାକିସ୍ତାନ, ଭାରତକୁ ବିପଦ !

ଇସଲାମବାଦ : ଭାରତ ସହିତ ସମ୍ପର୍କ ସୁଧାରିବାକୁ ଆଶା ରଖିଥିବା ପାକିସ୍ତାନ ଏବେ ଇଟାଲୀ ଆଡକୁ ଦୃଷ୍ଟି ଦେଇଛି । ପାକିସ୍ତାନର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଆତାଉଲ୍ଲାହ ତାରାର ଇଟାଲୀକୁ ଏକ ସମ୍ଭାବ୍ୟ 'ଶାନ୍ତି ସ୍ଥାପନକାରୀ' ଦେଶ ଭାବରେ ବର୍ଣ୍ଣନା କରିଛନ୍ତି । ସେ ଏପରିକି କହିଛନ୍ତି ଯେ ଯଦି ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି ମଧ୍ୟସ୍ଥତାର ଦାୟିତ୍ୱ ଗ୍ରହଣ କରନ୍ତି, ତେବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତିର ଏକ ସ୍ଥାୟୀ ପଥ ମିଳିପାରିବ । ଇସଲାମାବାଦରେ ଇଟାଲୀର ଜାତୀୟ ଦିବସ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହି ବକ୍ତବ୍ୟ ଦେଇଥିଲେ, ଯେଉଁଠାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ମଜବୁତତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ତାରାର କହିଛନ୍ତି ଯେ ପାକିସ୍ତାନ ଏବଂ ଇଟାଲୀର ୭୫ ବର୍ଷ ପୁରୁଣା କୂଟନୈତିକ ସମ୍ପର୍କ ରହିଛି, ଯାହା ସମୟ ସହିତ ଆହୁରି ମଜବୁତ ହୋଇଛି । ସେ କହିଛନ୍ତି ଯେ ଆମେ ଇଟାଲୀ ସହିତ ବିଶ୍ୱାସ ଏବଂ ସହଯୋଗ ଉପରେ ଆଧାରିତ ସମ୍ପର୍କକୁ ବାଣିଜ୍ୟ, ନିବେଶ, ସୁରକ୍ଷା, ଶିକ୍ଷା ଏବଂ ପ୍ରବାସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକ ବହୁମୁଖୀ ସହଭାଗୀତାରେ ପରିଣତ କରିବାକୁ ଚାହୁଁଛୁ ।

# ପିଓକେରେ ବଢୁଛି ଉତ୍ତେଜନା

ନୂଆଦିଲ୍ଲୀ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍ ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି । ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି । ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଶାସକ ଦଳ ପିଏମ୍ଏଲ(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରିଆସୁଛନ୍ତି । ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ



ଚାଇନା-ପାକ୍ ଜାତୀୟ ରାଜପଥ ୩ ଦିନ ହେଲା ଅବରୋଧ

ଅଭିହିତ କରିଛନ୍ତି । ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି । ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍ ?ଗିଟ୍ ? ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି । ଇସ୍ ?ଲାମାବାଦ ପାକ୍ ? ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି । ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍ ?କୁ ନେଇ ଗିଲ୍ ?ଗିଟ୍ ?-ବାଲ୍ଟିସ୍ତାନରେ ଜୋ ?ଦାର ବିକ୍ଷୋଭ ହୋଇଥିଲା । ଉକ୍ତ ବିଲ୍ ? କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ? ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ । ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ? ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କା ?ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ ।

# ପିଆଜ ଦାମ୍ ଛୁଇଁପାରେ ୫୦ !

ନୂଆଦିଲ୍ଲୀ : ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି । ବର୍ଷା ଯୋଗୁଁ ପିଆଜ ଓ ଟମାଟର ଫସଲ ନଷ୍ଟ ହୋଇଯାଇଛି । ଫଳରେ ଦିଲ୍ଲୀକୁ ଟମାଟର ଓ ପିଆଜ ସପ୍ଲାଇ କମ୍ ହୋଇଛି । ଆଉ ଏହାର ପ୍ରଭାବ ଦାମ୍ ଉପରେ ପଡିଛି । ପିଆଜ ଦାମ୍ ୨୪ ଟଙ୍କାରୁ ବଢି ୩୦ ଟଙ୍କା ହୋଇଥିବା ବେଳେ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପିଆଜ କିଲୋ ୮୦ ଟଙ୍କାରୁ ୧୦୦ ଟଙ୍କା ବଢିପାରେ ବୋଲି ଅନୁମାନ କରାଯାଉଛି ।



ମହାରାଷ୍ଟ୍ରରେ ମଇର ଦ୍ୱିତୀୟ ସପ୍ତାହରେ ପିଆଜ କିଲୋ ଦାମ୍ ୨୦ ପ୍ରତିଶତ ବଢିଥିବା ଦେଖିବାକୁ ମିଳିଛି । ଯାହାର ପ୍ରଭାବ ସମଗ୍ର ଦେଶରେ ପଡିଛି । ପିଆଜ ଏବଂ ଟମାଟର ଦୁଇଟି ଯାକ ଫସଲ ପ୍ରବଳ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି । ବର୍ଷା ଯୋଗୁଁ ସପ୍ଲାଏ ଉପରେ ମଧ୍ୟ ପ୍ରଭାବ ପଡିଛି । ତେଣୁ ଆଗାମୀ ଦିନରେ ପିଆଜ ଓ ଟମାଟର ଦାମ୍ ବଢିପାରେ ବୋଲି ଅନୁମାନ କରାଯାଉଛି । ଦିଲ୍ଲୀରେ ପିଆଜ ଓ ଟମାଟର ଦାମ୍ ମଧ୍ୟ ବଢିବାରେ ଲାଗିଛି ।

ତେବେ ଗତ ୨ ଦିନ ମଧ୍ୟରେ ଦିଲ୍ଲୀରେ ପିଆଜ ଓ ଟମାଟର ଦାମ୍ ୪୦ରୁ ୫୦ ପ୍ରତିଶତ ବଢିଛି । ୩୧ ମଇରେ ଦିଲ୍ଲୀରେ ପିଆଜି ଖୁଚୁରା ଦାମ୍ ୨୦ ଟଙ୍କା ପ୍ରତି କିଲୋ ରହିଥିଲା, ଯାହା ଜୁନ୍ ୨ ତାରିଖରେ ୩୦ ଟଙ୍କା ପ୍ରତି କିଲୋ ରହିଛି । ଟମାଟର କିଲୋ ଖୁଚୁରା ଦାମ୍ ୨୦ ଟଙ୍କା ପ୍ରତି କିଲୋ ରହିଥିବା ବେଳେ ଜୁନ୍ ୨ ତାରିଖରେ ଏହା ବଢି କିଲୋ ପ୍ରତି ୩୫ ଟଙ୍କା ହୋଇଯାଇଥିଲା ।

ଦିଲ୍ଲୀରେ ପିଆଜ ଏବଂ ଟମାଟୋର ଖୁଚୁରା ବ୍ୟବସାୟୀ କହିବା ମୁତାବକ, ପିଆଜ ଏବଂ ଟମାଟୋର ଆଗମନ ବହୁତ ହ୍ରାସ ପାଇଛି । ଏହାର କାରଣ ହେଉଛି ମହାରାଷ୍ଟ୍ର ଏବଂ ଦକ୍ଷିଣରେ ପ୍ରମୁଖ ପିଆଜ ଏବଂ ଟମାଟୋ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ହୋଇଛି । ଯାହା ଆଗମନକୁ ପ୍ରଭାବିତ କରୁଛି । ବଜାରରେ ପିଆଜ ଏବଂ ଟମାଟୋର ମୂଲ୍ୟ ବୃଦ୍ଧି ପାଇଛି । ଯାହା ଫଳରେ ଖୁଚୁରା ବଜାରରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଆଗାମୀ ୧୫ ଦିନ ମଧ୍ୟରେ ଟମାଟୋର ମୂଲ୍ୟ ୫୦ ଟଙ୍କା ଅତିକ୍ରମ କରିପାରେ । ପିଆଜର ମୂଲ୍ୟ ୪୦ ରୁ ୫୦ ଟଙ୍କା ମଧ୍ୟରେ ରହିପାରେ । ସେହିପରି ଜୁଲାଇ ମାସରେ ଟମାଟୋର ମୂଲ୍ୟ ୧୦୦ ଟଙ୍କାରେ ପହଞ୍ଚିଥାଏ ଏବଂ ପିଆଜର ମୂଲ୍ୟ ୫୦ ରୁ ୭୦ ଟଙ୍କା ମଧ୍ୟରେ ରହିବାର ସମ୍ଭାବନା ରହିଛି ।

# ପଞ୍ଜାବରୁ ଧରାପଡିଲା ଆଉ ଜଣେ ଗୁପ୍ତଚର

ପଞ୍ଜାବ : ପଞ୍ଜାବ ପୋଲିସକୁ ବଡ଼ ସଫଳତା ମିଳିଛି । ପୁଣି ବନ୍ଧା ହେଲେ ଆଉ ଜଣେ ଗୁପ୍ତଚର । ପାକିସ୍ତାନ ପାଇଁ କରୁଥିଲେ ଗୁପ୍ତଗିରି । ତାଙ୍କ ନାମ ଗଗନଦୀପ ସିଂ ହୋଇଥିବା ବେଳେ ସେ ପାକିସ୍ତାନର ଆଇଏସଆଇ ଓ ଖଲିସ୍ତାନୀ ଲିଡର ଗୋପାଳ ସିଂ ଚାୱଲା ପାଇଁ ଗୁପ୍ତଗିରି କରୁଥିଲେ । ପାକିସ୍ତାନକୁ ଭାରତୀୟ ପ୍ରତିରକ୍ଷା ବିଭାଗର ବହୁ ଗୁପ୍ତତଥ୍ୟ ଦେଇଥିବା ଅଭିଯୋଗରେ ପଞ୍ଜାବ ପୋଲିସ ତାଙ୍କୁ ଗିରଫ କରିଛି ।



ଅପରେସନ୍ ସିନ୍ଦୂର ସମୟରେ ଭାରତରେ ସେନାର ଚଳପ୍ରଚଳ ସମ୍ପର୍କରେ ସେ ସୂଚନା ଦେଉଥିଲେ । ପୋଲିସକୁ ତାଙ୍କ ଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି । ତାଙ୍କ ମୋବାଇଲରୁ ଆଇଏସଆଇ ଏଜେଣ୍ଟର ୨୦ ଜଣଙ୍କ ନମ୍ବର ପୋଲିସକୁ ମିଳିଛି । ଗଗନଦୀପ ଇଣ୍ଡିଆନ ଆର୍ମିର ସ୍ଥିତି ଏବଂ ଠିକଣା ବିଷୟରେ ପାକିସ୍ତାନକୁ ସୂଚନା ଦେଉଥିଲେ । ଗଗନଦୀପ ଖଲିସ୍ତାନୀ ଆତଙ୍କୀ ଗୋପାଳ ସିଂ ଚାୱଲାଙ୍କ ସହିତ ଗତ ୫ ବର୍ଷ ହେଲାଣି ସଂପର୍କରେ ଥିଲେ । ଚାୱଲା ଗଗନଦୀପଙ୍କ ସଂପର୍କ ଆଇଏସଆଇ ସହିତ କରିଥିଲେ । ସୂଚନା ମୁତାବକ, ଆଇଏସଆଇ ଏଜେଣ୍ଟ ଗଗନଦୀପଙ୍କୁ ପଇସା ମଧ୍ୟ ପଠାଇଛନ୍ତି । ଅପରେସନ ସିନ୍ଦୂର ସମୟରେ ସମଗ୍ର ଦେଶ ପାକିସ୍ତାନ ଉପରେ ପ୍ରତିଶୋଧ ନେବାକୁ ଦାବି କରୁଥିବା ବେଳେ ପଞ୍ଜାବର ଗଗନଦୀପ ଦେଶର ଗୁଇନ୍ଦା ସୂଚନା ଶତ୍ରୁକୁ ଦେଇଥିଲା । ସୂଚନାଯୋଗ୍ୟ, ଅପରେସନ 'ସିନ୍ଦୂର' ପରେ ପଞ୍ଜାବ ଏବଂ ହରିୟାଣାରୁ ୧୫ରୁ ଅଧିକ ଗୁପ୍ତଚରଙ୍କୁ ଗିରଫ କରାଯାଇଛି । ଏମାନେ ସମସ୍ତେ ଭାରତରେ ରହି ଆଇଏସଆଇ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଦେଶରେ ଲୁଚିଥିବା ଗୁପ୍ତଚରଙ୍କୁ ଧରିବା ପାଇଁ ପୋଲିସ ଯାଞ୍ଚ କରୁଛି । ଜ୍ୟୋତି ମଲହୋତ୍ରାଙ୍କ ଗିରଫ ପରେ ଦେଶରେ ଅନ୍ୟ କେତେ ଜଣଙ୍କୁ ପୋଲିସ ଗିରଫ କରିଛି । ପଞ୍ଜାବ, ହରିୟାଣା, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, ଦିଲ୍ଲୀ, ରାଜସ୍ଥାନ ସମେତ ଅନେକ ସ୍ଥାନରୁ ଗୁପ୍ତଚରଙ୍କୁ ଗିରଫ କରାଯାଇଛି ।

# ଲାଭା ଓଗାଳିଲା ଇଟାଲୀର ମାଉଣ୍ଟ ଏଟନା

ନୂଆଦିଲ୍ଲୀ : ଲାଭା ଓଗାଳିଲା ଇଟାଲୀର ମାଉଣ୍ଟ ଏଟନା ଆଗ୍ନେୟଗିରି । ଗତକାଲି ସିସିଲୀ ଦ୍ୱୀପରେ ଥିବା ମାଉଣ୍ଟ ଏଟନା ଆଗ୍ନେୟଗିରିରେ ଭୟଙ୍କର ବିସ୍ଫୋରଣ ହୋଇଛି । ଦକ୍ଷିଣ-ପୂର୍ବ କେଟରରୁ ଆଗ୍ନେୟଗିରି ବିସ୍ଫୋରଣ ଆରମ୍ଭ ହୋଇଥିଲା । ଏହାର ଉତ୍ତର ପାଶ୍ୱରେ ଏକ ଅଂଶ ଧସି ପଡିବାରୁ ଗରମ ଅଙ୍ଗାର, ଧୂଆଁ ଓ ଶିଳା ମିଶ୍ରିତ ପ୍ରବାହ ସୃଷ୍ଟି ହୋଇଥିଲା । ସକାଳ ୩ଟା ୫୦ ମିନିଟରୁ ପକ୍ରିୟା ଆରମ୍ଭ ହୋଇ ମଧ୍ୟାହ୍ନ ସୁଦ୍ଧା ଏହାର ତୀବ୍ରତା ଲାଭା ଫାଉଣ୍ଟେନର ରୂପ ନେଇଥିଲା । ଅଗ୍ନୀୟଗିରିରେ ବିସ୍ଫୋରଣ ପରେ ହଜାର ଫୁଟ ଉପରକୁ ଉଠିଥିଲା ନିଆଁ ।



ନିକଟରେ ଥିବା ପର୍ଯ୍ୟଟକମାନେ ସୁରକ୍ଷିତ ସ୍ଥାନକୁ ଦୌଡି ପଳାଇଥିଲେ । ଆଗ୍ନେୟଗିରି ବିସ୍ଫୋରଣରେ ଜୀବନହାନୀର କୌଣସି ସୂଚନା ନାହିଁ । ଅନ୍ୟପଟେ ଏବେ ସୋସିଆଲ ମିଡିଆରେ ଅଗ୍ନୀୟଗିରି ବିସ୍ଫୋରଣର ଭିଡ଼ିଓ ଭାଇରାଲ ହେଉଛି । ଅଧିକାରୀଙ୍କ ଅନୁସାରେ ବର୍ତ୍ତମାନ ଲାଗି ଆଖପାଖ ଅଞ୍ଚଳ ପାଇଁ ବିପଦର କୌଣସି କାରଣ ନାହିଁ । ତେବେ ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସୂଚନା ଅନୁଯାୟୀ, ମାଉଣ୍ଟ ଏଟନା ଆଗ୍ନେୟଗିରି ହେଉଛି ୟୁରୋପର ସବୁଠୁ ଉଚ୍ଚ ଓ ଜୀବନ୍ତ ଆଗ୍ନେୟଗିରି । ମାଉଣ୍ଟ ଏଟନାର ଇତିହାସ ବେଶ୍ ପ୍ରାଚୀନ ଓ ଭୟାନକ । ଏହାର ଗତିବିଦ୍ଧି ରେକର୍ଡ ପାଖାପାଖି ୨,୭୦୦ ବର୍ଷ ପୁରୁଣା । ଗତ ଥର ଡିସେମ୍ବର ୨୦୨୩ରେ ଏହା ଶେଷ ଥର ପାଇଁ ଉଦଗିରଣ ହୋଇଥିଲା । ତେବେ ସବୁଠାରୁ ଭୟାନକ କଥା ହେଉଛି ଏହି ବିସ୍ଫୋରଣ ସମୟରେ ଆଗ୍ନେୟଗିରିରେ କିଛି ପର୍ଯ୍ୟଟକ ମଧ୍ୟ ଥିଲେ । ତେବେ ବିସ୍ଫୋରଣ ଶବ୍ଦ ଶୁଣି ଯିଏ ଯୁଆଡେ ପାରିଥିଲେ ଦୌଡ଼ି ପଳାଇଯାଇଥିଲେ । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ୨୦୨୫ରେ ଏଟନାର ଏହା ୧୬ତମ ତୀବ୍ର ଅଗ୍ନିପାତ ଥିଲା, ଯାହା ୨୦୧୪ ପରେ ସବୁଠାରୁ ତୀବ୍ର ବୋଲି ବିବେଚନା କରାଯାଇଛି । ତେବେ ବିଶେଷଜ୍ଞଙ୍କ ଅନୁସାରେ ଏହି ବିସ୍ଫୋରଣ ବେଶ୍ ଉଚ୍ଚ ତୀବ୍ରତାର ଥିଲା । ଆଇଏନଜିଭି ଓ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

# ଏଥର ବକ୍ରିଇଦରେ ପଶୁ ହତ୍ୟା ହେବନି

ନୂଆଦିଲ୍ଲୀ : ବିଶ୍ୱର ଏକ ବଡ଼ ମୁସଲମାନ ରାଷ୍ଟ୍ରର ଐତିହାସିକ ନିଷ୍ପତ୍ତି, ବଳି ପଡିବେନି ପଶୁ । ବକରୀ ଇଦ୍ ରେ ବିଶ୍ୱର ମୁସଲମାନମାନଙ୍କୁ ଏକ ବଡ଼ ବାର୍ତ୍ତା ଦେଇ, ଏହି ଇସଲାମ ଦେଶ କୌଣସି ପଶୁ ବଳି ନଦେବାକୁ ଏକ ଐତିହାସିକ ନିଷ୍ପତ୍ତି ନେଇଛି । ଏହି ଦେଶ ହେଉଛି ମରକକ୍କୋ, ଯାହା ଇସଲାମ ଧର୍ମାବଲମ୍ବୀରେ ପରିପୂର୍ଣ୍ଣ । ମରକକ୍କୋ ପ୍ରଶାସନ ଇଦ-ଅଲ-ଆଜହା ପୂର୍ବରୁ ପଶୁ ବଜାରକୁ ବନ୍ଦ କରିଦେଇଛି । ଏହା ସହିତ, ଦେଶରେ ଛେଳି ସମେତ ଅନ୍ୟ କୌଣସି ପଶୁ ବଳି ନଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ତେବେ ପ୍ରଶ୍ନ ଉଠୁଛି ମରକକ୍କୋ ସରକାର ଏପରି ନିର୍ଦ୍ଦେଶ କାହିଁକି ଦେଲେ ? ମରକକ୍କୋ ପ୍ରଶାସନକୁ ଇଦ-ଅଲ-ଆଜହା ବା ବକ୍ରି ଇଦ୍ ପୂର୍ବରୁ ପାରମ୍ପରିକ ପଶୁ ବଳି ବାତିଲ କରିବାକୁ ଏକ ରାଜକୀୟ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ, ମରକକ୍କୋ ପ୍ରଶାସନ ଦେଶବ୍ୟାପୀ ପଶୁ ବଜାର ବନ୍ଦ କରିବା ପାଇଁ ଅଭିଯାନ ଆରମ୍ଭ କରିଛି । ଦେଶରେ ପଶୁଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ସେମାନଙ୍କୁ ସୁରକ୍ଷା ଦେବା ଏବଂ ଦୁର୍ଦ୍ଦଶା ଭିତରେ ଥିବା ସମ୍ପ୍ରଦାୟ ଉପରେ ଚାପ କମାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଗଣମାଧ୍ୟମ ରିପୋର୍ଟ ଅନୁସାରେ, ରାଜା ମହମ୍ମଦ ଷଷ୍ଠଙ୍କ ଦ୍ୱାରା ଜାରି ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ପାରମ୍ପରିକ ପଶୁ ବଳି ବାତିଲ କରାଯାଇଛି । ଦେଶରେ ଚାଲିଥିବା ମରୁଡି ଏବଂ ଆର୍ଥିକ ଅସୁବିଧା ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି, ଫଳରେ ପଶୁ ସଂଖ୍ୟାରେ ଦ୍ରୁତ ଗତିରେ ହ୍ରାସ ଘଟିଛି । ପ୍ରଶାସନ ସାରା ଦେଶର ରାଜ୍ୟପାଳ ଏବଂ ସ୍ଥାନୀୟ ଅଧିକାରୀମାନଙ୍କୁ ପଶୁ ହତ୍ୟା ବନ୍ଦ କରିବା ପାଇଁ ଏହି ନିର୍ଦ୍ଦେଶ ପଠାଇଛି । ସେମାନଙ୍କୁ ଏହି ନିଷେଧକୁ କଠୋର ଭାବରେ ଲାଗୁ କରିବାକୁ କୁହାଯାଇଛି । ସାଧାରଣତଃ ଇଦ୍ ପୂର୍ବରୁ ସକ୍ରିୟ ଥିବା ସାର୍ବଜନୀନ ଏବଂ ଋତୁକାଳୀନ ପଶୁ ବଜାର ବନ୍ଦ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଅନେକ ପ୍ରଦେଶ ସମସ୍ତ ସାପ୍ତାହିକ ମେଣ୍ଢା ବଜାର ବନ୍ଦ କରିବା, ବଳି ସହିତ ଜଡିତ ସମସ୍ତ ସାର୍ବଜନୀନ ସମାବେଶକୁ ନିଷେଧ କରିବା, ଅସ୍ଥାୟୀ ଭାବରେ ପୌରପାଳିକା 'କତଲ ଘର' ବନ୍ଦ କରିବା ଏବଂ କିଛି ଅଞ୍ଚଳରେ ବଳି ଉପକରଣ ବିକ୍ରୟକୁ ନିଷେଧ କରିବା ଭଳି କଠୋର ପଦକ୍ଷେପ ନେଇଛନ୍ତି ।



ପଶୁପାଳନ ସୁରକ୍ଷା ପାଇଁ ରାଜା ମହମ୍ମଦଙ୍କ ଦୃଷ୍ଟାନ୍ତମୂଳକ ନିର୍ଦ୍ଦେଶ : ଦେଶ ସାରା ପଶୁପାଳନକୁ ସୁରକ୍ଷା ଦେବା ଲକ୍ଷ୍ୟ ରଖି ରାଜା ମହମ୍ମଦ ଷଷ୍ଠଙ୍କ ଏହି ନିର୍ଦ୍ଦେଶ ବିଶ୍ୱର ମୁସଲମାନମାନଙ୍କ ପାଇଁ ଅନୁକରଣୀୟ ଏବଂ ଶିକ୍ଷଣୀୟ । ଏ ବର୍ଷ ଆରମ୍ଭରେ, ରାଜା ମରକକ୍କୋବାସୀଙ୍କୁ ପାରମ୍ପରିକ ବଳିଦାନରୁ ବିରତ ରହିବାକୁ ଅନୁରୋଧ କରିଥିଲେ । ଯାହା ଫଳରେ ମାଂସର ମୂଲ୍ୟ ବୃଦ୍ଧି ସହିତ ସଂଘର୍ଷ କରୁଥିବା ପରିବାରଗୁଡ଼ିକ ଉପରେ ଆର୍ଥିକ ବୋଝ ହ୍ରାସ ପାଇ ପାରିବ । ଏହା ସହିତ ଦେଶରେ କମି ଆସୁଥିବା ପଶୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ।

# ଗେମିଂ ଆପ୍‌ରେ ୫ ଲକ୍ଷ ହରାଇ ଦମ୍ପତିଙ୍କ ଆତ୍ମହତ୍ୟା

କୋଟା : ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇବା ପରେ ରାଜସ୍ଥାନର କୋଟା ଜିଲାରେ ଏକ ଦମ୍ପତି ହତାଶ ହୋଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି । କୋଟାର ଖେଡ଼ା ରାମପୁର ଗ୍ରାମସ୍ଥିତ ନିଜ ଘରେ ଦୀପକ ରାଠୋଡ଼ ଓରଫ୍ ଭିକି (୩୦) ଏବଂ ତାଙ୍କ ସ୍ତ୍ରୀ ରାଜେଶ ରାଠୋଡ଼ ଓରଫ କ୍ରୀଷ୍ଣା (୨୭) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି । ପୋଲିସର ସୂଚନା ଅନୁଯାୟୀ, ଏହି ଦମ୍ପତି ରବିବାର ରାତିରେ ସ୍ଥାନୀୟ ବଜାରରୁ ନାଇଲନ ଦଉଡ଼ି କିଣିଥିଲେ ।



ରାତ୍ରି ଭୋଜନ ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ । ସୋମବାର ସକାଳେ ଦୀପକଙ୍କ ପରିବାର ଲୋକେ ତାଙ୍କ ରୁମ୍‌ର କବାଟ ବାଡ଼େଇବାରୁ ତାଙ୍କ ୫ ବର୍ଷର ଝିଅ କବାଟ ଖୋଲିଥିଲେ । ଏହାପରେ ପରିବାର ଲୋକେ ଉଭୟ ଦୀପକ ଓ ତାଙ୍କ ସ୍ତ୍ରୀଙ୍କୁ ରଶିରେ ଝୁଲୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ । ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି । ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଦୀପକ ପ୍ରାୟତଃ ତାଙ୍କ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳି ଟଙ୍କା ଲଗାଉଥିଲେ । ସେ ନିକଟରେ ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇଥିଲେ । ତେଣୁ ଗତ କିଛିଦିନ ହେବ ସେ ସର୍ବଦା ଉଦାସ ରହୁଥିଲେ । ଦିନକ ତଳେ ଦୀପକ ନିଜ ଦେଢ଼ଶାଶୁଙ୍କ ସହ କଥା ହୋଇ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଟଙ୍କା ହରାଇଥିବାରୁ ଏବେ ତାଙ୍କ ଉପରେ ୪ରୁ ୫ ଲକ୍ଷ ଟଙ୍କାର ଋଣ ରହିଥିବା କହିଥିଲେ । ତେଣୁ ଆତ୍ମହତ୍ୟା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ବୋଲି ଦୀପକ କହିଥିଲେ । ଦୀପକ ଏବଂ କ୍ରୀଷ୍ଣାଙ୍କ ବିବାହ ୬ ବର୍ଷ ତଳେ ହୋଇଥିବା ପରିବାର ଲୋକେ କହିଛନ୍ତି । ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି । ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଟା ଡିଏସ୍‌ପି କହିଛନ୍ତି ।

# ଅପରେସନ ସିନ୍ଦୂର ବିବାଦୀୟ ମନ୍ତବ୍ୟ ଦେଇଥିବା ଶର୍ମିଷ୍ଠାଙ୍କ ଜାମିନକୁ ଖାରଜ

ନୂଆଦିଲ୍ଲୀ : ଚର୍ଚ୍ଚାରେ ଥିବା ଆଇନ ଛାତ୍ରୀ ଶର୍ମିଷ୍ଠା ପନୌଲିଙ୍କ ଗିରଫଦାରୀ ମାମଲାର ଶୁଣାଣି କଲିକତା ହାଇକୋର୍ଟରେ ହୋଇଥିଲା । ଶର୍ମିଷ୍ଠାଙ୍କ ଏପରି କାର୍ଯ୍ୟକଳାପକୁ ନିନ୍ଦା କରିଛନ୍ତି କୋର୍ଟ । ଶର୍ମିଷ୍ଠାଙ୍କ ଓକିଲ ରୁଜୁ ହୋଇଥିବା ମାମଲାକୁ ବାତିଲ କରିବାକୁ ଦାବି କରିଛନ୍ତି । କୋର୍ଟ ତାଙ୍କ ଦାବିକୁ ଖଣ୍ଡନ କରିବା ସହିତ ପରବର୍ତ୍ତୀ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିଛନ୍ତି । ସୂଚନାନୁଯାୟୀ, ଆମ ଦେଶରେ ସମସ୍ତ ବର୍ଗର ଲୋକ ରହୁଛନ୍ତି । ଏହା କହିବା ପୂର୍ବରୁ ସତର୍କ ରହିବା ଉଚିତ୍ । ଏକ ନିର୍ଦ୍ଦିଷ୍ଟ ଧର୍ମ ବିପକ୍ଷରେ ଯାଇ ମନ୍ତବ୍ୟ ଦେବା ଅନୁଚିତ୍ । କୋର୍ଟ କହିଥିଲେ ଆମ ପାଖରେ ସ୍ୱାଧିନତା ଅଛି ମାନେ ନୁହେଁ ଯେ ଆମେ କାହାର ଧାର୍ମିକ




ଭାବନାକୁ ଆଘାତ ଦେବ । ପୀଠ ଗାର୍ଡେନ ରିଚ୍ ଥାନାରେ ପନୌଲିଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ସମ୍ପର୍କରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ପର୍ଯ୍ୟନ୍ତ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ସ୍ଥଗିତ ରହିବ । ଏହି ମାମାଲାର ଶୁଣାଣି କୋର୍ଟରେ ଜୁନ୍ ୫ ତାରିଖରେ କରାଯିବାକୁ ଧାର୍ଯ୍ୟ କରାଯାଇଛି । ତାଙ୍କ ଗିରଫଦାରୀ ବେଆଇନ ବୋଲି ଶୁଣାଣି ସମୟରେ ଶର୍ମିଷ୍ଠାଙ୍କ ଓକିଲ କହିଥିଲେ । ଓକିଲ ଦାବି କରିଥିଲେ ଯେ ପାନୌଲିଙ୍କ ପରିବାର ମଧ୍ୟ ପୋଲିସରେ ଅଭିଯୋଗ କରିଥିଲେ ଯେ ସେ ବିପଦରେ ଅଛନ୍ତି । ମେ ୭ ରାତିରେ ପୋଷ୍ଟ ହେବା ପରେ ବିବାଦ ଆରମ୍ଭ ହୋଇଯାଇଥିଲା । ତେଣୁ ମେ ୮ରେ ସୋସିଆଲ ମିଡିଆରୁ ହଟାଇ ଦେଇଥିଲେ ପନୌଲୀ । ପନୌଲିଙ୍କ ବିରୋଧରେ ଥିବା ମାମଲାକୁ ବାତିଲ କରିବାକୁ ଅନୁରୋଧ କରିବା ସହ ଜାମିନ ପାଇଁ ମଧ୍ୟ ଦାବି କରିଥିଲେ । ଏହା ପରେ ରାଜ୍ୟ ସରକାରଙ୍କ ଓକିଲ କହିଛନ୍ତି ଯେ, ନୋଟିସ ଜାରି କରାଯାଇଥିଲା । କିନ୍ତୁ ତାଙ୍କ ପରିବାର ସହିତ ଗୁରୁଗ୍ରାମକୁ ପଳାଇଥିଲେ । ଯାହା ଫଳରେ ନୋଟିସ ପ୍ରଦାନ କରିବା ବିଫଳ ହୋଇଥିଲା । ସଠିକ୍ ଯାଞ୍ଚ ପ୍ରକ୍ରିୟା ପାଇଁ ଆଇନଗତ ସାହାଯ୍ୟ ନିଆଯାଇଥିଲା । ଅନ୍ୟପଟେ ମେ ୧୫ ତାରିଖରେ ଢରେ କ୍ଷମା ପ୍ରାର୍ଥନା କରିଥିଲେ । କିନ୍ତୁ କୋର୍ଟ ତାଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା । ପୋଲିସ କୋର୍ଟର ଆବେଦନକୁ ଗ୍ରହଣ କରି ୱାରେଣ୍ଟ ଜାରି କରିଥିଲା । ଆହୁରି କହିଛନ୍ତି ଯେ, ମୁଁ କେବେ ଜାଣିଶୁଣି କାହାକୁ ଆଘାତ ଦେଇନାହିଁ, ତେଣୁ ଯଦି କାହାକୁ ଆଘାତ ଦିଆଯାଇଛି ତେବେ ମୁଁ ଏଥିପାଇଁ ଦୁଃଖିତ । ମୁଁ ସହଯୋଗ ଆଶା କରୁଛି । ଏବେଠାରୁ ମୁଁ ମୋର ସାର୍ବଜନୀନ ପୋଷ୍ଟଗୁଡ଼ିକରେ ସତର୍କ ରହିବି । ଦୟାକରି ପୁଣିଥରେ ମୋର କ୍ଷମା ପ୍ରାର୍ଥନା ଗ୍ରହଣ କରନ୍ତୁ ।

# ଆରସିବି ନୂଆ ଆଇପିଏଲ୍ ଚାମ୍ପିଅନ୍

ଅହମ୍ମଦାବାଦ,୩।୬: ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷାର ଘଟିଲା ଅନ୍ତ ଶେଷରେ ଆଇପିଏଲ୍ ଟ୍ରଫି ଜିତିବାରେ ସଫଳ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଚତୁର୍ଥ ଥର ଫାଇନାଲ୍‌ରେ ବିଜୟ ମୁକୁଟ ପିନ୍ଧି ପାରିଛି। ରଜତ ପାଟିଦାରଙ୍କ ଆରସିବି ଏଥିସହ ଇଣ୍ଡିଆନ ପ୍ରିମିୟର ଲିଗ୍‌କୁ ମିଳିଛି ନୂଆ ବିଜେତା। ଅନ୍ୟପଟେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍ସର ପ୍ରଥମ ଟାଇଟଲ୍ ଜିତିବାର ସ୍ୱପ୍ନ ଧୂଳିସାତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ୯ ୱିକେଟ୍ ହରାଇ ୧୯୦ ରନ କରିଥିଲା ।ଜବାବରେ ପଞ୍ଜାବ ୭ ୱିକେଟ୍ ହରାଇ ୧୮୪ ରନ କରି ପାରିଛି। ଆରସିବି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି କୃଣାଲ ପାଣ୍ଡ୍ୟା। ସେ ୪ ଓଭର ବୋଲିଂ କରି ମାତ୍ର ୧୭ ରନ ଦେଇ ୨ଟି ମୁଖ୍ୟ ୱିକେଟ୍ ନେଇଛନ୍ତି। ଏହା ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ୍‌ରେ ପହଞ୍ଚି ନିରାଶ ହୋଇଥିଲା। ହେଲେ ଏଥର ମିଳିଥିବା ସୁଯୋଗକୁ ହାତଛଡ଼ା କରିନି ଆରସିବି ।

୧୯୧ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ପଞ୍ଜାବକୁ ପ୍ରଭସିମରନ ଓ ପ୍ରିୟାଂଶ ଆର୍ଯ୍ୟ ଭଲ ଆରମ୍ଭ ଦେଇଥିଲେ। ଦୁହେଁ ଓପନିଂରେ ୪୩ ରନ ଯୋଡ଼ିଥିଲେ ପ୍ରିୟାଂଶ ୨୪ ରନ କରି ଆଉଟ୍ ହୋଇଥିଲେ। ଏହା ପରେ କ୍ରିଜରେ ସେଟ୍ ହୋଇ ସାରିଥିବା ପ୍ରଭସିମରନ ସିଂ ୨୨ ବଲ୍‌ରୁ ୨୬ ରନର ଧିମା ଇନିଂସ ଖେଳି ଆଉଟ୍ ହୋଇଥିଲେ। ତେବେ ଶ୍ରେୟସ ଆୟର ୧ ରନ କରି ଆଉଟ୍ ହେବା ପଞ୍ଜାବ କିଙ୍ଗ୍ସର ବିଜୟ ଆଶାକୁ ବଡ଼ ଧକ୍କା ଦେଇଥିଲା। ଜୋଶ ଇଙ୍ଗ୍ଲିଶ ବିସ୍ଫୋରକ ବ୍ୟାଟିଂ କରି ୩୯ ରନ କରିଥିଲେ। ହେଲେ ସଠିକ ସମୟରେ ଆଉଟ୍ ହେବା ପଞ୍ଜାବର ବିଜୟ ଆଶା ମଉଳି ଯାଇଥିଲା। ମାର୍କସ ଷ୍ଟୋଇନିସ(୬) କିଛି ଖାସ୍ କରି ପାରି ନ ଥିଲେ। ଶେଷ ଆଡ଼ୁକୁ ଶଶାଙ୍କ ସିଂ ଏକାକୀ ସଂଘର୍ଷ କରିଥିଲେ ହେଁ ତାହା ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଶଶାଙ୍କ ୩୦ ବଲରୁ ୩ ଚୌକା ଓ ୬ ଛକା ସହ ୬୧ ରନର ଅପରାଜିତ ଇନିଂସ ଖେଳିଥିଲେ। ଶେଷରେ ପଞ୍ଜାବ ୭ ୱିକେଟ୍ ହରାଇ ୧୮୪ ରନ କରି ପାରିଥିଲା । ବୋଲିଂରେ କୃଣାଲ ପାଣ୍ଡ୍ୟା ୪ ଓଭର ବୋଲିଂ କରି ୧୭ ରନ ଦେଇ ୨ ପ୍ରମୁଖ ୱିକେଟ୍ ନେଇଥିଲେ। ଭୁବନେଶ୍ୱର କୁମାର ୩୮ ରନ ବ୍ୟୟ କରି ୨ ୱିକେଟ୍ ଅକ୍ତିକାର କରିଥିଲେ। ୟାଶ ଦୟାଲ ଚମତ୍କାର ବୋଲିଂ କରି ୩ ଓଭରରେ ମାତ୍ର ୧୮ ରନ ଦେଇ ଗୋଟିଏ ସଫଳତା ପାଇଥିଲେ ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ୧୮ ରନ ସ୍କୋରରେ ପ୍ରଥମ ଝଟକା ଲାଗିଥିଲା। ଫିଲ ସଲ୍ଟ ୯ ବଲରୁ ୧୬ ରନ କରିଥିଲେ। ଏହା ପରେ ମୟଙ୍କ ଅଗ୍ରୱାଲ ୨୪ ରନ କରି ଆଉଟ୍ ହୋଇଥିଲେ। ବିରାଟ କୋହଲି ଓ ରଜତ ପାଟିଦାର ତୃତୀୟ ୱିକେଟ୍ ପାଇଁ ୪୦ ରନ ଯୋଡ଼ିଥିଲେ ।୯୬ ରନ ସ୍କୋରରେ ଅଧିନାୟକ ରଜତ ପାଟିଦାର ୨୬ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳି ପାରି ନ ଥିଲେ। ବିରାଟ କୋହଲି କ୍ରିଜରେ ସେଟ୍ ଥିଲେ ହେଁ ବଡ଼ ସଟ୍ ଖେଳିବାରେ ବିଫଳ ହୋଇଥିଲେ। ସେ ୩୫ ବଲରୁ ମାତ୍ର ୩ ଚୌକା ସହ ୪୩ ରନ କରିଥିଲେ।

ବେଙ୍ଗାଲୁରୁ ସବୁ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ କେହି ଶେଷ ପର୍ଯ୍ୟନ୍ତ ରହି ପାରି ନ ଥିଲେ। ଲିୟମା ଲିଭିଙ୍ଗଷ୍ଟୋନ ୨୫ ରନ ଓ ଜିତେଶ ଶର୍ମା ୧୦ ବଲ୍‌ରୁ ୨୪ ରନର ଦ୍ରୁତ ରନ କରିଥିଲେ। ରୋମାରିଓ ଶେଫାର୍ଡ ୧୭ ରନ କରିଥିଲେ। ତେବେ ଶେଷ ଓଭରରେ ଅର୍ଶଦୀପ ସିଂ ଶାଣିତ ବୋଲିଂ କରି ୩ ରନ ଦେଇ ୩ ୱିକେଟ୍ ନେଇଥିଲେ। ଫଳରେ ବେଙ୍ଗାଲୁରୁ ୨୦୦ ରନ ବି ଛୁଇଁ ପାରି ନ ଥିଲା। ଦଳ ୯ ୱିକେଟ୍ ହରାଇ ୧୯୦ ରନ କରି ପାରିଛି ବୋଲିଂରେ ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୪୦ ରନ ଦେଇ ୩ଟି ୱିକେଟ୍ ଓ କାଇଲ ଜେମିଶନ ୪୮ ରନ ଦେଇ ୩ଟି ୱିକେଟ୍ ଅକ୍ତିକାର କରିଛନ୍ତି।





# ମୁକେଶ କୁମାର ପିନ୍ଧିଲେ ୧୮ ନମ୍ବର ଜର୍ସି



ନୂଆଦିଲ୍ଲୀ,୩।୬: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲିଙ୍କ ଆଇକନିକ ଜର୍ସି ନମ୍ବର ୧୮ ପୁଣି ଥରେ ଚର୍ଚ୍ଚାରେ ରହିଛି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଇଣ୍ଡିଆ ଏ ଦଳର ପ୍ରଥମ ଅଣଅଫିସିଆଲ ଟେଷ୍ଟ ମ୍ୟାଚ ବେଳେ ଦ୍ରୁତ ବୋଲର ମୁକେଶ କୁମାର ଏହି ଜର୍ସି ନମ୍ବର ୧୮ ପିନ୍ଧି ମୈଦାନକୁ ଓହ୍ଲାଇଥିଲେ, ଯାହା ସୋସିଆଲ ମିଡିଆରେ ବିବାଦ ସୃଷ୍ଟି କରିଛି।କୋହଲିଙ୍କ ପ୍ରଶଂସକମାନେ ଏହାକୁ ଅସମ୍ମାନ ବୋଲି ଅଭିଯୋଗ କରି ବିସିସିଆଇ ଓ ମୁକେଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି।

ବିରାଟ କୋହଲି ଗତ ମାସରେ (୧୨ ମେ ୨୦୨୫) ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ ।୧୪ ବର୍ଷ ଧରି ସେ ଜର୍ସି ନମ୍ବର ୧୮ ପିନ୍ଧି ୧୨୩ଟି ଟେଷ୍ଟ ମ୍ୟାଚରେ ୯,୨୩୦ ରନ୍ ସଂଗ୍ରହ କରିଥିଲେ ଏବଂ ୬୮ଟି ମ୍ୟାଚରେ ଭାରତକୁ ନେତୃ ଦେଇଥିଲେ। ତାଙ୍କ ଅବସର ପରେ ପ୍ରଶଂସକମାନେ ଆଶା କରୁଥିଲେ ଯେ ସଚିନ ତେନ୍ଦୁଲକରଙ୍କ ଜର୍ସି ନମ୍ବର ୧୦ ଓ ଏମଏସ ଧୋନୀଙ୍କ ଜର୍ସି ନମ୍ବର ୭ ପରି କୋହଲିଙ୍କ ଜର୍ସି ନମ୍ବର ୧୮କୁ ମଧ୍ୟ ବିସିସିଆଇ ଟେଷ୍ଟ କ୍ରିକେଟରୁ ଅବସର ପ୍ରଦାନ କରିବ। କିନ୍ତୁ ମୁକେଶ କୁମାରଙ୍କୁ ଏହି ଜର୍ସି ପିନ୍ଧିଥିବା ଦେଖି ପ୍ରଶଂସକମାନେ କ୍ଷୁବ୍ଧ ହୋଇଛନ୍ତି।

ଏହି ବିବାଦ ପରେ ବିସିସିଆଇ ଏକ ସ୍ପଷ୍ଟୀକରଣ ଜାରି କରିଛି। ଜଣେ ବରିଷ୍ଠ ବିସିସିଆଇ ଅଧିକାରୀ ପିଟିଆଇକୁ କହିଛନ୍ତି, ଇଣ୍ଡିଆ ଏ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ନୁହେଁ, କାରଣ ଏହି ଜର୍ସିଗୁଡ଼ିକରେ ଖେଳାଳିଙ୍କ ନାମ ଲେଖାଯାଇ ନଥାଏ। ଖେଳାଳିମାନେ ଯେକୌଣସି ଉପଲବ୍ଧ ନମ୍ବର ବାଛିପାରନ୍ତି। କିନ୍ତୁ ଆନ୍ତର୍ଜାତୀୟ ମ୍ୟାଚରେ ଜର୍ସି ନମ୍ବର ନିର୍ଦ୍ଦିଷ୍ଟ ଓ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅଧିକାରୀ ଆହୁରି କହିଛନ୍ତି ଯେ ମୁକେଶ କୁମାର, ଯିଏ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ନାହାଁନ୍ତି, ଯଦି ଭବିଷ୍ୟତରେ ଭାରତୀୟ ଟେଷ୍ଟ ଦଳରେ ସୁଯୋଗ ପାଆନ୍ତି, ତେବେ ସେ ତାଙ୍କର ପୂର୍ବ ଜର୍ସି ନମ୍ବର ୪୯ ପିନ୍ଧିବେ, ଯାହା ସେ ଷ୍ଟେ ଇଣ୍ଡିଜରେ ତାଙ୍କ ଡେବ୍ୟୁ ସମୟରେ ପିନ୍ଧିଥିଲେ। ବିସିସିଆଇ ସ୍ପଷ୍ଟ କରିଛି ଯେ ମୁକେଶଙ୍କୁ ଜର୍ସି ନମ୍ବର ୧୮ ଦେବାରେ ବିରାଟ କୋହଲିଙ୍କୁ ଅସମ୍ମାନ କରିବାର କୌଣସି ଉଦ୍ଦେଶ୍ୟ ନଥିଲା ବୋର୍ଡ ଆଗାମୀ ଦିନରେ ଜର୍ସି ନମ୍ବର ବଣ୍ଟନ ପ୍ରକ୍ରିୟାରେ ଏଭଳି ଭୁଲ ଏଡ଼ାଇବାକୁ ପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଛି।

# ଆଇପିଏଲ୍‌ରୁ ମୋଟ କେତେ ରୋଜଗାର କରେ ଜିଓ ହଟ୍‌ଷ୍ଟାର୍ ?

ନୂଆଦିଲ୍ଲୀ,୩।୬: ଇଣ୍ଡିଆନ୍ ପ୍ରିମିୟର ଲିଗ୍ କେବଳ କ୍ରିକେଟ୍ ଏବଂ ଗ୍ଲାମରର ନାଁ ନୁହେଁ ଏହି ଟୁର୍ଣ୍ଣାମେଣ୍ଟ ଲକ୍ଷ କୋଟି ରୋଜଗାର କରୁଥିବା ବଡ ପ୍ଲାଟଫର୍ମ ଫ୍ରାଞ୍ଚାଇଜିଠାରୁ ଆରମ୍ଭ କରି ବିସିସିଆଇ ପର୍ଯ୍ୟନ୍ତ, ପ୍ରତିବର୍ଷ କୋଟି କୋଟି ଟଙ୍କା ରୋଜଗାର କରିଥାନ୍ତି । ଏହି ଆୟ ବିଜ୍ଞାପନ, ବ୍ରଡକାଷ୍ଟିଙ୍ଗ୍ ଏବଂ ଅନ୍ୟାନ୍ୟ ଉତ୍ସରୁ ହୋଇଥାଏ। ଏଥିରେ ଜିଓ ହଟ୍‌ଷ୍ଟାର୍ ପଛରେ ନାହିଁ ହଟ୍‌ଷ୍ଟାର୍ ପ୍ରତି ସିଜନରେ ଏହାର ବ୍ରଡକାଷ୍ଟିଙ୍ଗ୍‌ରୁ ରୋଜଗାର କରିଥାଏ କୋଟି କୋଟି ଟଙ୍କା ଆସନ୍ତୁ ଜାଣିବା ର ପ୍ରତ୍ୟେକ ସିଜିନରୁ ଜିଓ ହଟ୍‌ଷ୍ଟାର୍ କେତେ ରୋଜଗାର କରେ ?

ଆଇପିଏଲ୍‌ର ଏହି ସିଜିନ୍ ହଟଷ୍ଟାର ପାଇଁ କୌଣସି ଲଟେରୀ ଠାରୁ କମ୍ ନୁହେଁ ଜିଓ ଏବଂ ହଟ୍‌ଷ୍ଟାର୍‌ର ମିଶ୍ରଣ ପରେ ଏହାର ୟୁଜର୍ସ ସଂଖ୍ୟା ନିରନ୍ତର ବୃଦ୍ଧି ପାଇଛି। ଏହା ନେଟଫ୍ଲିକ୍ସକୁ ମଧ୍ୟ ପଛରେ ପକାଇବାକୁ ଯାଉଛି । ଜିଓ ହଟ୍‌ଷ୍ଟାର୍‌ର ସବସ୍କ୍ରିପସନ ଏହି ମାସରେ ୨୮୦ ନିୟୁତକୁ ବୃଦ୍ଧି ପାଇଛି। ଯାହା ଏପ୍ରିଲରେ ପ୍ରାୟ ୨୦୦ ନିୟୁତ ଥିଲା। ଅନ୍ୟପକ୍ଷରେ ନେଟଫ୍ଲିକ୍ସରେ ସାରା ବିଶ୍ୱରେ ୩୦୦ ନିୟୁତ ସବସ୍କ୍ରିପସନ ଅଛି।ଏହି ଦୃଷ୍ଟିରୁ, ଜିଓ ହଟ୍‌ଷ୍ଟାର୍ ୟୁଜର୍ସଙ୍କ ସଂଖ୍ୟା ଆଧାରରେ କେବଳ ୨୦ ନିୟୁତ ପଛରେ ଅଛି ।

ଆଇପିଏଲ୍‌ର ପ୍ରତ୍ୟେକ ସିଜିନରେ ବ୍ରଡକାଷ୍ଟିଙ୍ଗ୍ ହିଁ ହୋଇଥାଏ କୋଟି କୋଟି ଟଙ୍କା ରୋଜଗାର। ଆଇପିଏଲ୍ ର ଏହି ସିଜିନ୍ କେବଳ ଗ୍ରାହକ ସଂଖ୍ୟା ଦୃଷ୍ଟିରୁ ନୁହେଁ ବରଂ ରାଜସ୍ୱ ଦୃଷ୍ଟିରୁ ମଧ୍ୟ ଜିଓ ହଟ୍‌ଷ୍ଟାର୍ ପାଇଁ ବହୁତ ଭଲ ରହିଛି। ଏକ ରିପୋର୍ଟ ଅନୁଯାୟୀ ଜିଓ ହଟ୍‌ଷ୍ଟାର୍ ଏହି ଇଭେଣ୍ଟରୁ ୪୫୦୦ କୋଟି ଟଙ୍କା ରାଜସ୍ୱ ପାଇବାର ଆଶା କରାଯାଉଛି। ସୂଚନା ଅନୁଯାୟୀ, ଗତ ସିଜିନରେ ଏହାର ରାଜସ୍ୱ ପ୍ରାୟ ୪ହଜାର କୋଟି ଟଙ୍କା ଥିଲା।

# ରୋହିତ ଓ ବିରାଟଙ୍କ ପାଇଁ କ୍ରିକେଟ ଅଷ୍ଟ୍ରେଲିଆର ଯୋଜନା

ନୂଆଦିଲ୍ଲୀ: ଗତବର୍ଷ ଟି-୨୦ ଏବଂ ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ନେବା ପରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଏବେ କେବଳ ଦିନିକିଆ। କ୍ରିକେଟରେ ନଜର ଆସିବେ। ଇଂଲଣ୍ଡ ଗସ୍ତର ଠିକ୍ ପୂର୍ବରୁ ଏହି ଦୁଇ ଖେଳାଳି ଟେଷ୍ଟ କ୍ରିକେଟରୁ ଅବସର ନେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଶୁଭମନ ଗିଲଙ୍କ ନେତୃତ୍ୱରେ ଏକ ଯୁବ ଦଳ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହି ସିରିଜ୍ ଜୁନ ୨୦ରୁ ଆରମ୍ଭ ହେବ। ଏବେ ପ୍ରଶଂସକମାନେ ଚିନ୍ତିତ ଯେ, ବିରାଟ ଏବଂ ରୋହିତଙ୍କୁ କେବେ ପଡ଼ିଆରେ ଦେଖିବାକୁ ମିଳିବ । ବାଂଲାଦେଶ ଗସ୍ତରେ ଏହି ଦୁଇ ବଡ଼ କ୍ରିକେଟରଙ୍କୁ ଦେଖିବାକୁ ମିଳିପାରେ। କିନ୍ତୁ ଏହି ଗସ୍ତ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ।



ଏହାରି ମଧ୍ୟରେ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଏହି ଦୁଇ ଖେଳାଳିଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। ଇଂଲଣ୍ଡ ଗସ୍ତ ପରେ, ଟିମ୍ ଇଣ୍ଡିଆ ଅଗଷ୍ଟରେ ବାଂଲାଦେଶ ଗସ୍ତ କରିବ। ଏହି ସମୟରେ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବ। ହୁଏତ ବିରାଟ କୋହଲି ଏବଂ ରୋହିତ ଶର୍ମା ଏହି ସିରିଜରେ ଖେଳିପାରନ୍ତି। ଏହା ପରେ, ଟିମ୍ ଇଣ୍ଡିଆ ଅକ୍ଟୋବରରେ ଦିନିକିଆ ସିରିଜ୍ ଖେଳିବା ପାଇଁ ଅଷ୍ଟ୍ରେଲିଆ। ଗସ୍ତ କରିବ।ଏହି ଗସ୍ତ ସମୟରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏହି ଖେଳାଳିମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛି। କ୍ରିକେଟ ଅଷ୍ଟ୍ରେଲିଆ। ବିରାଟ ଏବଂ ରୋହିତଙ୍କ ପାଇଁ ଏକ ବିଦାୟକାଳୀନ ସମାରୋହର ଆୟୋଜନ କରିବାକୁ ଯୋଜନା କରୁଛି କ୍ରିକେଟ୍ ଅଷ୍ଟ୍ରେଲିଆର ସିଇଓ ଟଡ୍ ଗ୍ରୀନବର୍ଗ କହିଛନ୍ତି, ଆମ ଦେଶରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଶେଷ ଥର ପାଇଁ ଖେଳିପାରନ୍ତି ଯଦି ଏଭଳି ହୁଏ, ତେବେ ଆମେ ଏହି ଖେଳାଳିମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ଯୋଜନା କରିବୁ। ଯଦି ବିରାଟ ଏବଂ ରୋହିତ ରୁ ଅବସର ନିଅନ୍ତି, ତେବେ ଏହା 'ଏକ ଯୁଗର ଅନ୍ତ' ହେବ।

ସେପଟେ ବିରାଟ କୋହଲି ଏବଂ ରୋହିତ ଶର୍ମା ୨୦୨୭ ବିଶ୍ୱକପ୍ ଖେଳିବାକୁ ଯୋଜନା କରୁଛନ୍ତି, କିନ୍ତୁ ଏଥିରେ କେଣସି ସ୍ପଷ୍ଟତା ନାହିଁ। କ୍ରିକେଟ୍ ଅଷ୍ଟ୍ରେଲିଆର ସିଇଓ କହିଛନ୍ତି ଯେ, ଆମେ ଏଥର ବିରାଟ କୋହଲିଙ୍କୁ ବିଗ୍ ବ୍ୟାଶ୍ ଲିଗ୍ (ବିବିଏଲ୍)ରେ ଖେଳିବାର ଦେଖିବାକୁ ଚାହୁଁଛୁ। ଏଥିପାଇଁ ଆମେ ବିସିସିଆଇ ସହ କଥା ହେବୁ ଆମେ ବିରାଟଙ୍କୁ ରେ ଖେଳିବାର ଦେଖିବାକୁ ଚାହୁଁଛୁ ଯଦିଓ ବିସିସିଆଇ ଭାରତୀୟ ଖେଳାଳିମାନଙ୍କୁ କୌଣସି ବିଦେଶୀ ଲିଗରେ ଖେଳିବାକୁ ଅନୁମତି ଦିଏ ନାହିଁ, ତଥାପି କ୍ରିକେଟ୍ ଅଷ୍ଟ୍ରେଲିଆର ସିଇଓ ଏଥିପାଇଁ ବେଶ ଆଶାବାଦୀ ଅଛନ୍ତି।

## ପ୍ରୋ କବାଡି ଲିଗରେ କେହି କିଣିଲେନି

# ଅବସର ନେଇ ଗଲେ କିମ୍ବଦନ୍ତୀ ପ୍ରଦୀପ ନରୱାଲ

ନୂଆଦିଲ୍ଲୀ,୩।୬: ଡୁବକି କିଙ୍ଗ ଭାବେ ପରିଚିତ ଷ୍ଟାର କବାଡି ଖେଳାଳି ପ୍ରଦୀପ ନରାଲ ବେଶ ଭାବବିହ୍ୱଳ ଢଙ୍ଗରେ ଅବସର ଘୋଷଣା କରିଛନ୍ତି। ଭାରତ ପାଇଁ ଏକାଧିକ ବିଶ୍ୱକପ ଓ ଏସିଆନ ଗେମ୍ସ ଖେଳିଥିବା ପ୍ରଦୀପ ପ୍ରୋ କବାଡି ଲିଗର ଅନ୍ୟତମ ଷ୍ଟାର ଖେଳାଳି ସେ ଏକାକୀ ନିଜ ଟିମକୁ ଜିତାଇବାରେ ସକ୍ଷମ। କିନ୍ତୁ ୨୦୨୫ ପ୍ରୋ କବାଡି ଲିଗ ଅକ୍ସନରେ ପ୍ରଦୀପଙ୍କୁ କୌଣସି ଫ୍ରାଞ୍ଚାଇଜ କିଣି ନଥିଲେ। ଏଥିରେ ମର୍ମାହତ ହୋଇ ସେ ନିଜର ପ୍ରିୟ ଖେଳ କବାଡିରୁ ଅବସର ନେଇ ଯାଇଛନ୍ତି।



୨୮ ବର୍ଷୀୟ ପ୍ରଦୀପ ୩ଥର ପ୍ରୋ କାବଡି ଲିଗରେ ଚାମ୍ପିୟନ ହେବାର ଖ୍ୟାତି ଅର୍ଜନ କରିଥିଲେ। ସେ ପିକେଏଲ ଇତିହାସର ଅନ୍ୟତମ ମହାନ ରେଡର ଭାବେ ପରିଚିତ। ତଥାପି ଏଥର ଦୁଇ ଦିନିଆ ଅକ୍ସନ ବେଳେ ତାଙ୍କୁ ସବୁ ଫ୍ରାଞ୍ଚାଇଜ ଅଣଦେଖା କରିଥିଲେ। ସେ ୟୁପି ଯୋଦ୍ଧା, ପାଟନା ପାଏରଟ୍ସ ଓ ବେଙ୍ଗାଲୁରୁ ବୁଲ୍ସ ପାଇଁ ପିକେଏଲ ଖେଳିଥିଲେ।

ପ୍ରଥମ ଦିନ ଅନସୋଲ୍ଡ ଯାଇଥିବା ପ୍ରଦୀପଙ୍କୁ ଦ୍ୱିତୀୟ ଦିନରେ ଯେକୌଣସି ଫ୍ରାଞ୍ଚାଇଜ କିଣିବାକୁ ଆଗ୍ରହ ଦେଖାଇବେ ବୋଲି ଆଶା କରାଯାଉଥିଲା କିନ୍ତୁ ସେମିତି କିଛି ବି ହୋଇ ନଥିଲା ଶେଷରେ ପ୍ରଦୀପଙ୍କ ଭଳି ମହାନ ଖେଳାଳିଙ୍କୁ ନିରାଶ ହେବାକୁ ପଡ଼ିଥିଲା।

ଇନଷ୍ଟାଗ୍ରାମ ଲାଇଭରେ ନରାଲ କହିଛନ୍ତି ଯେ ପ୍ରଥମ ଦିନ ବିକ୍ରି ନ ହେବା ପରେ ସେ ଆଦୌ ନିରାଶ ନଥିଲେ। କାରଣ ସେ ଭାବୁଥିଲେ ଯେ ତାଙ୍କୁ ନିଶ୍ଚିତ ଭାବେ କୌଣସି ଦଳ କିଣିବ ହେଲେ। ଦ୍ୱିତୀୟ ଦିନ ତାଙ୍କୁ କେହି ନ କଣିବାରୁ ସେ ସ୍ତବ୍ଧ ହୋଇଯାଇଥିଲେ। ସେ କହିଛନ୍ତି, ପୂର୍ବରୁ ଯେତେବେଳେ ମୁଁ ପାଟନା ପାଇଁ ଖେଳୁଥିଲି ସେତେବେଳେ ୨୦୦ରୁ ୩୦୦ ପଏଣ୍ଟ ନେଉଥିଲି। ଏବେ ୧୧୧ କିମ୍ବା ୧୧୨ ପଏଣ୍ଟ ଯଥେଷ୍ଟ ହେଉନି। ମୁଁ ସବୁବେଳେ ମ୍ୟାଚ ପିଛା ୧୫ରୁ ୧୬ ପଏଣ୍ଟ ନେବାକୁ ଚାହେଁ ୩-୪ ପଏଣ୍ଟରେ ମୁଁ ଖୁସି ନୁହେଁ।

ଡୁବକି କିଙ୍ଗ ଭାବେ ପରିଚିତ ପ୍ରଦୀପ ସ୍ୱୀକାର କରିଛନ୍ତି ଯେ ସମୟକ୍ରମେ ତାଙ୍କ ଦକ୍ଷତା ହ୍ରାସ ପାଇଛି ଓ ତାଙ୍କ ରଣନୀତିକୁ ମାତ୍ ଦେବାକୁ ଡିଫେଣ୍ଡର୍ସ ମଧ୍ୟ ସେହି ଅନୁସାରେ କାମ କରୁଛନ୍ତି।

ପିକେଏଲର ଗତ ସଂସ୍କରଣରେ ବେଙ୍ଗାଲୁରୁ ବୁଲ୍ସ ପାଇଁ ପ୍ରଦୀପ ୧୦୦ରୁ ଅଧିକ ପଏଣ୍ଟ ହାସଲ କରିଥିଲେ। ହେଲେ ଏଥର ତାଙ୍କୁ କେହି କିଣି ନଥିବାରୁ ସେ କବାଡି ଖେଳରୁ ଅବସର ଘୋଷଣା କରିଛନ୍ତି। ସେ କହିଛନ୍ତି, କବାଡି ମୋତେ ସବୁ କିଛି ଦେଇଛି। ଯାହା ବି ନାଁ ଓ ସଫଳତା ମିଳିଛି, ସେସବୁ କବାଡି ପାଇଁ ତାକୁ ନେଇ ମୁଁ ବହୁତ ଖୁସି।ପ୍ରଦୀପ କବାଡି ଆଉ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ ହେଁ ଏବେ କୋଚିଂ ଉପରେ ଫୋକସ କରିବେ ବୋଲି କହିଛନ୍ତି। ପିକେଏଲର ଦ୍ୱିତୀୟ ସଂସ୍କରଣ ଅର୍ଥାତ ୨୦୧୫ରେ ପ୍ରଦୀପ ବେଙ୍ଗାଲୁରୁ ବୁଲ୍ସ ପାଇଁ ଡେବ୍ୟୁ କରିଥିଲେ। ତେବେ ପାଟନା ପାଇଁ ଖେଳିବା ବେଳେ ସେ ବେଶ ଖ୍ୟାତି ଅର୍ଜନ କରିଥିଲେ। ପାଟନା କ୍ରମାଗତ ୩ଥର ପ୍ରଦୀପଙ୍କ ନେତୃତ୍ୱରେ ଚାମ୍ପିୟନ ହୋଇଥିଲା। ଲିଗ ଇତିହାସରେ ପ୍ରଦୀପ ପ୍ରଥମ ଖେଳାଳି ଭାବେ ୧ ହଜାର ରେଡ ପଏଣ୍ଟ ହାସଲ କରିଥିଲେ। ସେ ନିଜର ଡୁବକି ଶୈଳୀ ଦ୍ୱାରା ସେ ପ୍ରତିପକ୍ଷର ସମସ୍ତ ଡିଫେନ୍ସକୁ ମାତ ଦେବାକୁ ସକ୍ଷମ ହେଉଥିଲେ। ପ୍ରଦୀପ ୧୯୦ଟି ପିକେଏଲ ମ୍ୟାଚ୍‌ରେ ୧୮୦୧ ରେଡ ପଏଣ୍ଟ ନେଇଛନ୍ତି।ଏଯାଏ ତାଙ୍କ ରେକର୍ଡକୁ କେହି ବି ଭାଙ୍ଗିବାକୁ ସକ୍ଷମ ହୋଇ ନାହାନ୍ତି। ପ୍ରଦୀପଙ୍କ ଅବସର ପରେ ପ୍ରୋ କବାଡି ଲିଗରେ ଗୋଟିଏ ଯୁଗର ଅବସାନ ଘଟିଛି।

# ଗୁକେଶଙ୍କଠାରୁ ପରାଜୟ ସହିପାରିଲେନି କାର୍ଲସନ

ନୂଆଦିଲ୍ଲୀ,୩।୬(ଏଜେନସି): ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଚାମ୍ପିଅନ ଡି ଗୁକେଶ ଏକ ନମ୍ବର ଚେସ୍ ଖେଳାଳି ମାଗନସ୍ କାର୍ଲସନଙ୍କୁ ହରାଇ ବଡ଼ ବିଜୟ ହାସଲ କରିଛନ୍ତି ।ଏହି ବିଜୟରେ ଗୁକେଶଙ୍କ ଖୁସିର ଠିକଣା ନାହିଁ ଅନ୍ୟପଟେ ମ୍ୟାଚ୍ ହାରିବା ପରେ କାର୍ଲସନ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ ଗୁକେଶଙ୍କଠାରୁ ପରାଜୟକୁ ଗ୍ରହଣ କରିପାରିନଥିଲେ। ପରାଜୟ ପରେ କାର୍ଲସନ ଚେସ୍ ବୋର୍ଡ ରଖାଯାଇଥିବା ଟେବୁଲକୁ ହାତରେ ଜୋରରେ ପିଟିଥିଲେ ଏହା ଏତେ ଜୋରରେ ଥିଲା ଯେ ପୂରା ଚେସ୍ ବୋର୍ଡ ଦୋହଲି ଯାଇଥିଲା।



ଏହାପରେ କାଲର୍ସନ ନିଜ ଚୌକିରୁ ଉଠି ପରାଜୟରେ ରାଗରେ ଏପଟେ ସେପଟେ ହୋଇଥିଲେ। ପରେ ଗୁକେଶଙ୍କ ନିକଟକୁ ଯାଇ କ୍ଷମା ମାଗି ଚେସ୍ ବୋର୍ଡ ନିକଟରୁ ଆସିଥିଲେ । ସେ ଚେସ୍ ବୋର୍ଡକୁ ସଜାଇବା ପାଇଁ ଉଦ୍ୟମ କରିଥିଲେ, କିନ୍ତୁ ତାଙ୍କ ହାତରୁ ହତାଶା ଭାବ ବାରି ହେଉଥିଲେ ଅନ୍ୟପଟେ ଗୁକେଶ ମ୍ୟାଚ୍ ଜିତିବା ପରେ ଚୁପଚାପ୍ ଉଠି ନିଜ ବିଜୟର ମୁହୂର୍ତ୍ତକୁ ଉପଭୋଗ କରିଥିଲେ। ଏହି ବିଜୟକୁ ସେ ବିଶ୍ୱାସ କରିପାରୁନଥିଲେ, କିନ୍ତୁ ତାଙ୍କ ପରିଶ୍ରମ ସଫଳ ହୋଇଥିଲା ମ୍ୟାଚ୍ ପରେ ସେଠାରେ ଉପସ୍ଥିତ ଲୋକ ଗୁକେଶଙ୍କ ପାଇଁ ତାଳି ବଜାଇଥିଲେ । ଗୁକେଶ ଆଶ୍ଚର୍ଯ୍ୟଜନକ ଭାବେ ରବିବାର କ୍ଲାସିକଲ୍ ଚେସ୍‌ରେ କାର୍ସଲନଙ୍କୁ ପ୍ରଥମ ଥର ପରାସ୍ତ କରିଥିଲେ ଧଳା ଗୋଟି ସହ ଖେଳୁଥିବା କାର୍ଲସନ ମ୍ୟାଚରେ ଅଧିକାଂଶ ସମୟରେ ଗୁକେଶଙ୍କ ଉପରେ ଚାପ ପକାଉଥିଲେ କିନ୍ତୁ ଗୁକେଶ ଅତି ସତର୍କତାର ସହ ଖେଳି କାର୍ଲସନଙ୍କୁ ଆଟାକ୍ କରିଥିଲେ। ଯେଉଁଥି ପାଇଁ କାର୍ଲସନଙ୍କ ଉପରେ ମ୍ୟାଚ୍ ଶେଷ ଆଡ଼କୁ ଚାପ ବଢିଥିଲା ଗୁକେଶ ବିନା କୌଣସି ଦ୍ୱନ୍ଦ୍ୱରେ ନିଜ ଦକ୍ଷତା ଦେଖାଇ ମ୍ୟାଚରେ ବିଜୟୀ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ ଦୁହେଁ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରେ ପରସ୍ପରକୁ ଭେଟିଥିଲେ। ପ୍ରଥମ ମ୍ୟାଚରେ କାର୍ଲସନ ନିଜ ଟ୍ରେଡମାର୍କ ଗୋଟି ଚଳନାରେ ବିଜୟୀ ହୋଇଥିଲେ କିନ୍ତୁ ଏଥର ଗୁକେଶ ବାଜି ମାରିବା ସହ ପୂର୍ବ ମ୍ୟାଚ୍ ପରାଜୟର ପ୍ରତିଶୋଧ ନେଇଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ